Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈଜ୍ଞାନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:33+23 May 2026 (Saturday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୩୩+୨୩ ମେ ୨୦୨୬ (ଶନିବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୧

'ଭାରତକୁ ଅସୀମିତ ତେଲ ଦେବାକୁ ପ୍ରସ୍ତୁତ ଆମେରିକା':

ଭାରତ ଗସ୍ତ ପୂର୍ବରୁ ମାର୍କୋ ରୁବିଓଙ୍କ ବଡ଼ ବୟାନ

ନୂଆଦିଲ୍ଲୀ, ୨୨।୫: ଭାରତ ଗସ୍ତ ପୂର୍ବରୁ ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି ଆମେରିକାର ନବନିଯୁକ୍ତ ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ । ସେ ସ୍ପଷ୍ଟ କରିଛନ୍ତି ଯେ, ନୂଆଦିଲ୍ଲୀ ଯେତିକି ପରିମାଣର ଶକ୍ତି କିଣିବାକୁ ଚାହୁଁଛି, ୱାଶିଂଟନ୍ ଭାରତକୁ ସେତିକି ଶକ୍ତି ବିକ୍ରୟ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ମିଆମୀଠାରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରିବା ସମୟରେ ରୁବିଓ ଭାରତକୁ ଆମେରିକାର ଏକ ଚମତ୍କାର ସହଯୋଗୀ ଏବଂ ସଂପର୍କୀୟ ଭାବେ ଅଭିହିତ କରିଛନ୍ତି । ସମାଚାର ଏଜେନ୍ସି ପିଟିଆଇ (ଚଞ୍ଚଓ) ର ରିପୋର୍ଟ ଅନୁଯାୟୀ, ଆମେରିକା ବିଦେଶ ମନ୍ତ୍ରୀ କହିଛନ୍ତି ଯେ ତାଙ୍କର ଏହି ଭାରତ ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ସମୟରେ ତାଙ୍କୁ 'କ୍ୱାଡ୍' ଦେଶଗୁଡ଼ିକର ବିଦେଶ ମନ୍ତ୍ରୀମାନଙ୍କୁ ଭେଟିବାର ସୁଯୋଗ ମିଳିବ । ଭାରତ ସହ ଦୃଢ଼ ସମ୍ପର୍କର ସପକ୍ଷରେ ଯୁକ୍ତି ବାଢ଼ି ଆମେରିକା ବିଦେଶ ମନ୍ତ୍ରୀ କହିଛନ୍ତି, 'ଆମେ ଭାରତ ସହିତ ମିଶି ବହୁତ ଭଲ କାମ କରୁଛୁ । ତେଣୁ ଏହି ଗସ୍ତ ଆମ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ମୁଁ ବହୁତ ଖୁସି ଯେ ଆମେ ଏହି ଗସ୍ତ କରୁଛୁ, କାରଣ ମୋର ବିଶ୍ୱାସ ଅଛି ଯେ ଆମ ପାଖରେ ଆଲୋଚନା କରିବା ପାଇଁ ଅନେକ ପ୍ରସଙ୍ଗ ରହିଛି ।' ସେ ଆହୁରି ମଧ୍ୟ କହିଛନ୍ତି, 'ଆମେ ସେଠାରେ କ୍ୱାଡ୍ ଦେଶର ନେତାମାନଙ୍କୁ ଭେଟିବୁ, ଯାହାକି ସବୁଠାରୁ ଜରୁରୀ । ବିଦେଶ ମନ୍ତ୍ରୀ ଭାବରେ ମୋର ପ୍ରଥମ ବୈଠକ ମଧ୍ୟ କ୍ୱାଡ୍ ସହିତ ହିଁ ହୋଇଥିଲା । ଆମେ ଏହି ବୈଠକ ଭାରତରେ କରିବାକୁ ଯାଉଥିବାରୁ ମୁଁ ବହୁତ ଆନନ୍ଦିତ ଏବଂ ଏହି ବର୍ଷ ଶେଷ ଆଡ଼କୁ ଆମର ଆଉ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହେବ ।' ଏହି ସାମ୍ବାଦିକ ସମ୍ମିଳନୀରେ ମାର୍କୋ ରୁବିଓ ଅନ୍ୟ ଏକ ବଡ଼ ଘୋଷଣା କରିଛନ୍ତି । ସେ ସୂଚନା ଦେଇଛନ୍ତି ଯେ, ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ଡେଲ୍ସି ରୋଡ୍ରିଗେଜ୍ ମଧ୍ୟ ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସୁଛନ୍ତି, ଯେଉଁଠାରେ ସେ ଭାରତକୁ ତେଲ ବିକ୍ରି କରିବା ପ୍ରସଙ୍ଗରେ ଆଲୋଚନା କରିବେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚଳିତ ବର୍ଷ ଫେବୃଆରୀ ମାସ ପ୍ରାରମ୍ଭରେ ପ୍ରଥମ ଥର ପାଇଁ ଭାରତ ଦ୍ୱାରା ଭେନେଜୁଏଲାରୁ ତେଲ କିଣାଯିବା ପ୍ରସଙ୍ଗ ଉଠାଇଥିଲେ । ସେହି ସମୟରେ ୱାଶିଂଟନ୍ ଏବଂ ନୂଆଦିଲ୍ଲୀ ମଧ୍ୟରେ ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ଯାହା ଅଧୀନରେ ଭାରତୀୟ ଆମଦାନୀ ଉପରେ ଥିବା ପାରସ୍ପରିକ ଶୁଳ୍କକୁ ବର୍ତ୍ତମାନର ୨୫ ପ୍ରତିଶତରୁ ହ୍ରାସ କରାଯାଇ ୧୮ ପ୍ରତିଶତ କରାଯାଇଥିଲା । ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ୨୩ ମେ' ରୁ ୨୬ ମେ' ପର୍ଯ୍ୟନ୍ତ ଭାରତ ଗସ୍ତରେ ରହିବେ । ନିଜର ଏହି ଚାରି ଦିନିଆ ଗସ୍ତ କାଳରେ ସେ ଭାରତର ପ୍ରମୁଖ ସହର ଯଥା: ନୂଆଦିଲ୍ଲୀ, କୋଲକାତା, ଆଗ୍ରା ଏବଂ ଜୟପୁର ପରିଦର୍ଶନ କରିବେ । ଏହି ଗସ୍ତର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ଯେ, ବିଗତ ପ୍ରାୟ ୧୪ ବର୍ଷ ମଧ୍ୟରେ କୋଲକାତା ଗସ୍ତ କରୁଥିବା ମାର୍କୋ ରୁବିଓ ହେବେ ପ୍ରଥମ ଆମେରିକୀୟ ବିଦେଶ ମନ୍ତ୍ରୀ । ଏହା ପୂର୍ବରୁ ବର୍ଷ ୨୦୧୨ରେ ତତ୍କାଳୀନ ଆମେରିକା ବିଦେଶ ମନ୍ତ୍ରୀ ହିଲାରୀ କ୍ଲିଂଟନ କୋଲକାତା ଯାତ୍ରା କରିଥିଲେ । ସୂଚନାଯୋଗ୍ୟ ଯେ, କୋଲକାତାରେ ଅବସ୍ଥିତ ଆମେରିକୀୟ ବାଣିଜ୍ୟ ଦୂତାବାସ ସମଗ୍ର ବିଶ୍ୱରେ ଆମେରିକାର ଦ୍ୱିତୀୟ ସବୁଠାରୁ ପୁରୁଣା ବାଣିଜ୍ୟ ଦୂତାବାସ । ଏହି ଗସ୍ତର ଶେଷ ଦିନ ଅର୍ଥାତ୍ ୨୬ ମେ'ରେ 'କ୍ୱାଡ୍' ଦେଶଗୁଡ଼ିକର ବିଦେଶ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି ।

ରାଜ୍ୟସଭା ନିର୍ବାଚନ:

୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ ,୨୨/୫: ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଯାଉଛି । ନିର୍ବାଚନ କମିଶନ ଶୁକ୍ରବାର ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ନିର୍ବାଚନ କମିଶନ କହିଛନ୍ତି ଯେ ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ୨୦୨୬ ଜୁନ୍ ୧୮ ତାରିଖରେ ଅନୁଷ୍ଠିତ ହେବ । ନିର୍ବାଚନ କମିଶନଙ୍କ ଘୋଷଣା ପରେ, ସମ୍ପୃକ୍ତ ରାଜ୍ୟରେ ରାଜନୈତିକ କାର୍ଯ୍ୟକଳାପ ତୀବ୍ର ହୋଇଛି । ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଆନ୍ଧ୍ର ପ୍ରଦେଶ, ଗୁଜୁରାଟ, ମଧ୍ୟ ପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, କର୍ଣ୍ଣାଟକ, ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ ଏବଂ ମିଜୋରାମ ଅନ୍ତର୍ଭୁକ୍ତ । ଆନ୍ଧ୍ର ପ୍ରଦେଶ, ଗୁଜୁରାଟ ଏବଂ କର୍ଣ୍ଣାଟକରେ ସର୍ବାଧିକ ୪ଟି ଆସନରେ ନିର୍ବାଚନ ହେବ । ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ଏକ ବିବୃତିରେ କୁହାଯାଇଛି ଯେ ଜୁନ୍ ୨୧ ରୁ ଜୁଲାଇ ୧୯ ମଧ୍ୟରେ ୧୦ ଟି ରାଜ୍ୟର ବର୍ତ୍ତମାନର ସାଂସଦମାନେ ରାଜ୍ୟସଭାରୁ ଭିନ୍ନ ଭିନ୍ନ ତାରିଖରେ ଅବସର ନେଉଛନ୍ତି । ଆନ୍ଧ୍ର ପ୍ରଦେଶ, ଗୁଜରାଟ ଏବଂ କର୍ଣ୍ଣାଟକର ପ୍ରତ୍ୟେକରେ ଚାରୋଟି ଆସନ, ମଧ୍ୟ ପ୍ରଦେଶ ଏବଂ ରାଜସ୍ଥାନର ପ୍ରତ୍ୟେକରେ ତିନୋଟି ଆସନ, ଝାଡ଼ଖଣ୍ଡର ଦୁଇଟି ଆସନ ଏବଂ ମଣିପୁର, ମେଘାଳୟ, ଅରୁଣାଚଳ ପ୍ରଦେଶ ଏବଂ ମିଜୋରାମର ପ୍ରତ୍ୟେକରେ ଗୋଟିଏ ଆସନ ପାଇଁ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେ, ଦିଗବିଜୟ ସିଂହ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍ ଡି ଦେବେଗୌଡାଙ୍କ ଭଳି ପ୍ରମୁଖ ନେତା ରାଜ୍ୟସଭାରୁ ଅବସର ନେବେ । ରାଜସ୍ଥାନର ରାଜେନ୍ଦ୍ର ଗେହଲଟ୍, ନୀରଜ ଡାଙ୍ଗି ଏବଂ ରଭନୀତ ସିଂହଙ୍କ ଦ୍ୱାରା ସ୍ଥାପିତ ଆସନଗୁଡ଼ିକ ମଧ୍ୟ ଖାଲି ହୋଇଯିବ । ନିର୍ବାଚନ କାର୍ଯ୍ୟସୂଚୀ ଅନୁଯାୟୀ, ଜୁନ୍ ୧ ରେ ବିଜ୍ଞପ୍ତି ଜାରି କରାଯିବ । ପ୍ରାର୍ଥୀମାନେ ଜୁନ୍ ୮ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରିପାରିବେ । ନାମାଙ୍କନ ପତ୍ର ଯାଂଚ ଜୁନ୍ ୯ ତାରିଖରେ ହେବ ଏବଂ ପ୍ରାର୍ଥୀମାନେ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର କରିପାରିବେ । ନିର୍ବାଚନ କମିଶନ ଭୋଟ୍ ପ୍ରକ୍ରିୟା ସମ୍ପର୍କରେ ବିଶେଷ ନିର୍ଦ୍ଦେଶ ଜାରି କରିଛନ୍ତି । କମିଶନ ସ୍ପଷ୍ଟ କରିଛନ୍ତି ଯେ ଭୋଟ୍ ସମୟରେ କେବଳ ନିର୍ବାଚନ ଅଧିକାରୀ ପ୍ରଦାନ କରିଥିବା ସ୍ୱତନ୍ତ୍ର ବାଇଗଣୀ ସ୍କେଚ୍ ପେନ୍ ବ୍ୟବହାର କରାଯିବ । ଅନ୍ୟ କୌଣସି ପେନ୍ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ ।

ବସ୍ ଓ ଅଟୋ ମୁହାମୁହିଁ ଧକ୍କା ; ୨ ଶିଶୁ ସମେତ ୬ ମୃତ

ପୁରୁଷୋତମପୁର,୨୨/୫(ନି/ପ୍ର): ବସ୍ ଓ ଅଟୋ ମୁହାମୁହିଁ ଧକ୍କାରୁ ଅଟୋରେ ବସିଥିବା ୧୦ ଜଣଙ୍କ ମଧ୍ୟରୁ ୨ ଶିଶୁ ସମେତ ୬ ଜଣଙ୍କ ମୃତ୍ୟୁ ହୋଇଛି । ପାଟପୁର ଥାନା ଅନ୍ତର୍ଗତ ଏରେଣ୍ଡ ଗ୍ରାମର ୧୦ଜଣ ମିଶି ପୁରୁଷୋତ୍ତମପୁର ସିକୁଲା ରାସ୍ତା ଦେଇ ସିଂହାସନ ଯିବା ସମୟରେ ପୁରୁଷୋତମପୁର ଥାନା ଅନ୍ତର୍ଗତ ଲଡକା ପଲ୍ଲିଗ୍ରାମ ନିକଟ ଏକ ବାଙ୍କ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବସ୍ ଡାଇମଣ୍ଡ ଦ୍ରୁତ ଗତିରେ ଆସି ଧକ୍କା ଦେବାରୁ ଅଟୋଟି ଚୁରମାର ହେବା ସହ ଅଟୋ ଏକ ନିମ ଗଛ ପଛପଟେ ଲାଗି ଯିବାରୁ ଅଟୋ ଚାପି ହୋଇ ଘଟଣାସ୍ଥଳରେ ୨ ମୃତ୍ୟୁ ବରଣ କରିଥିବା ବେଳେ କୋଡୋଲ ମେଡିକାଲରେ ୪ ଜଣ ଏହିପରି ମୋଟ ୨ ଶିଶୁ ସମେତ ୬ ଜଣ ମୃତ୍ୟୁ ବରଣ କରିଛନ୍ତି । କୋଡୋଳ ଦମକଳ ବାହିନୀ ମୃତ ଓ ଆହତମାନଙ୍କୁ କୋଦୋଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।

ଇରାନ ସହ ଯୁଦ୍ଧବିରତି ସଙ୍କଟ : ଟ୍ରମ୍ପ-ନେତାନ୍ୟାହୁଙ୍କ ମଧ୍ୟରେ ମତଭେଦ ତୀବ୍ର

ତେଲ୍ ଅଭିଭ୍,୨୨/୫: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଆମେରିକା ଓ ଇସ୍ରାଏଲର ସମ୍ପର୍କରେ ସଙ୍କଟ ଦେଖାଦେଇଛି । ଇରାନ ସହିତ ଯୁଦ୍ଧବିରତି ପ୍ରସଙ୍ଗ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ମଧ୍ୟରେ ଥିବା ମତଭେଦ ଏବେ ସାମନାକୁ ଆସିଛି । ଟ୍ରମ୍ପ ଏହି ସଙ୍କଟର ସମାଧାନ ପାଇଁ କୂଟନୀତି ଏବଂ ଆଲୋଚନାକୁ ଆଉ ଏକ ସୁଯୋଗ ଦେବାକୁ ଚାହୁଥିବା ବେଳେ ନେତାନ୍ୟାହୁ ଇରାନ ଉପରେ ନିରନ୍ତର ଆକ୍ରମଣ ଜାରି ରଖିବା ପାଇଁ ଜିଦ୍ ଧରିଛନ୍ତି । ଦୁଇ ବନ୍ଧୁ ଦେଶର ଶୀର୍ଷ ନେତାଙ୍କ ମଧ୍ୟରେ ଥିବା ଏହି ରଣନୀତିକ ପାର୍ଥକ୍ୟ ଜଟିଳ ସ୍ଥିତି ସୃଷ୍ଟି କରିଛି । ଆମେରିକା ପ୍ରଶାସନ ପକ୍ଷରୁ ପ୍ରଥମେ ଇରାନର ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ସୀମିତ ଏବଂ ଲକ୍ଷ୍ୟଭିତ୍ତିକ ଆକ୍ରମଣ ପାଇଁ 'ଅପରେସନ ସ୍ଲେଜ୍‌ହାମର' ନାମକ ଏକ ଗୁପ୍ତ ଯୋଜନା ପ୍ରସ୍ତୁତ କରାଯାଇଥିଲା । କିନ୍ତୁ କତର, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଭଳି ଉପସାଗରୀୟ ମିତ୍ରଦେଶଗୁଡ଼ିକର ବିଶେଷ ଅନୁରୋଧ ଓ କୂଟନୈତିକ ଚାପ ଯୋଗୁଁ ରାଷ୍ଟ୍ରପତି ଟ୍ରମ୍ପ ଶେଷ ମୁହୂର୍ତ୍ତରେ ଏହି ଆକ୍ରମଣକୁ ସ୍ଥଗିତ ରଖିଥିଲେ । ଟ୍ରମ୍ପଙ୍କ ଏହି ନିଷ୍ପତ୍ତିକୁ ଇସ୍ରାଏଲ ସହଜରେ ଗ୍ରହଣ କରିପାରି ନାହିଁ, ଯାହାଫଳରେ ଉଭୟ ରାଷ୍ଟ୍ର ମଧ୍ୟରେ ବିବାଦ ବଢ଼ିଛି । ଟ୍ରମ୍ପ ଓ ନେତାନ୍ୟାହୁଙ୍କ ମଧ୍ୟରେ ଏହି ପ୍ରସଙ୍ଗରେ ଫୋନ୍ ବାର୍ତ୍ତାଳାପରେ ମଧ୍ୟ ତିକ୍ତତା ପ୍ରକାଶ ପାଇଥିଲା ବୋଲି ଇସ୍ରାଏଲ ଗଣମାଧ୍ୟମ ସୂତ୍ରରୁ ଜଣାପଡ଼ିଛି । ଇତିମଧ୍ୟରେ ଘରୋଇ ରାଜନୀତିରେ ମଧ୍ୟ ଟ୍ରମ୍ପଙ୍କୁ ଝଟ୍‌କା ଲାଗିଛି । ଆମେରିକା ସିନେଟ୍‌ରେ ଟ୍ରମ୍ପଙ୍କ ଯୁଦ୍ଧ କ୍ଷମତାକୁ ସୀମିତ କରିବା ପାଇଁ ଏକ ପ୍ରସ୍ତାବ ୫୦-୪୭ ଭୋଟ୍‌ରେ ଗୃହୀତ ହେବାପରେ ଏହାକୁ ନେଇ ରାଜନୀତି ସରଗରମ ରହିଛି । ଟ୍ରମ୍ପଙ୍କ ନିଜ ରିପବ୍ଲିକାନ ଦଳର ୪ ଜଣ ସିନେଟର ତାଙ୍କ ବିରୋଧରେ ଭୋଟ୍ ଦେଇଛନ୍ତି, ଯାହା ତାଙ୍କ ପ୍ରଶାସନର ରଣନୀତିକୁ ଦୁର୍ବଳ କରିଦେଇଛି । ଅସ୍ତ୍ରବିରତିକୁ ନେଇ ଅନିଶ୍ଚିତତା ଭିତରେ ବିଶ୍ୱ ବାଣିଜ୍ୟରେ ସଙ୍କଟ ବଢ଼ୁଛି । ଇରାନ ସେନା କହିଛି ଯେ ସେମାନଙ୍କ ଅନୁମତି ପରେ ହିଁ ହର୍ମୁଜ ପ୍ରଣାଳୀ ଦେଇ ୨୬ଟି ଜାହାଜ ଚଳାଚଳ କରିଛି । ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ (ଏଫ୍ଏଓ) ଚେତାବନୀ ଦେଇଛି ଯେ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେଲେ ବିଶ୍ୱରେ ଏକ ବଡ଼ ଧରଣର ଖାଦ୍ୟ ସଙ୍କଟ ସୃଷ୍ଟି ହୋଇପାରେ । ଏହି ବିପଦକୁ ଦୃଷ୍ଟିରେ ରଖି ୟୁଏଇ ହର୍ମୁଜ ଉପରେ ନିର୍ଭରଶୀଳତା କମାଇବା ପାଇଁ ଏକ ବାଇପାସ୍ ପାଇପ୍ ଲାଇନ ନିର୍ମାଣ କରୁଛି ।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦର ମାରାଥନ୍ ବୈଠକ:

ଅଧୁରା କାମ ଶୀଘ୍ର ସାର

ନୂଆଦିଲ୍ଲୀ,୨୨/୫: ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ସ୍ଥିତି ଏବଂ ଏହା ଯୋଗୁ ସୃଷ୍ଟି ହୋଇଥିବା ବିଶ୍ୱ ଅର୍ଥନୈତିକ ଅସ୍ଥିରତା ମଧ୍ୟରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ମନ୍ତ୍ରଣାଳୟର କାର୍ଯ୍ୟ ସମୀକ୍ଷା କରିଛନ୍ତି । ନୂଆଦିଲ୍ଲୀର 'ଭାରତ ମଣ୍ଡପମ୍'ଠାରେ ଆଜି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରମନ୍ତ୍ରୀ ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ମାରାଥନ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ସାଢ଼େ ଚାରି ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ପ୍ରଧାନମନ୍ତ୍ରୀ ସମସ୍ତ ମନ୍ତ୍ରଣାଳୟର କାର୍ଯ୍ୟ ସମୀକ୍ଷା କରିବା ସହ ସରକାରଙ୍କ ବାକି ରହିଥିବା କାର୍ଯ୍ୟ ଓ ପ୍ରକଳ୍ପଗୁଡ଼ିକୁ ଦ୍ରୁତଗତିରେ ଶେଷ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକ ସନ୍ଧ୍ୟା ୫ଟାରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ସାଢ଼େ ୪ଘଣ୍ଟା ଧରି ଚାଲିଥିଲା । ବିକାଶ ବଜାୟ ରଖିବାକୁ ଗୁରୁତ୍ୱ, ପ୍ରଶାସନିକ ଶିଥିଳତାକୁ ବରଦାସ୍ତ କରାଯିବନି, ମୁଦ୍ରାସ୍ଫୀତି ରୋକିବାକୁ ରଣନୀତି, ମନ୍ତ୍ରୀମାନଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ, ବିଶ୍ୱ ସ୍ତରରେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ଏବଂ ବାହ୍ୟ ପରିସ୍ଥିତିର ପ୍ରଭାବ ଯେପରି ଭାରତୀୟ ଅର୍ଥନୀତି ଉପରେ ନପଡ଼େ, ସେଥିପାଇଁ ସରକାରୀ କାର୍ଯ୍ୟଦକ୍ଷତାକୁ ଅଧିକ ସୁଦୃଢ଼ କରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଆଗାମୀ ଦିନରେ ଦେଶର ବିକାଶ ଗତିକୁ ବଜାୟ ରଖିବା ପାଇଁ ପ୍ରଶାସନିକ ସ୍ତରରେ କୌଣସି ପ୍ରକାର ଶିଥିଳତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୧୦୦ ଡଲାର ଅତିକ୍ରମ କରିସାରିଛି । ଭାରତ ନିଜର ଆବଶ୍ୟକତା ଅନୁଯାୟୀ ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତୈଳ ବାହାର ଦେଶରୁ ଆମଦାନି କରିଥାଏ । ତେଣୁ ବିଶ୍ୱ ବଜାରରେ ତେଲ ଦର ବୃଦ୍ଧି ପାଇବା ଯୋଗୁଁ ଭାରତରେ ଇନ୍ଧନ ଖର୍ଚ୍ଚ, ପରିବହନ ବ୍ୟୟ ଏବଂ ସାଧାରଣ ବଜାରରେ ସାମଗ୍ରୀର ମୂଲ୍ୟ ବଢ଼ିବା ସହ ମହଙ୍ଗା ମାଡ଼ ହେବାର ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଇଛି । ଏହି ବାହ୍ୟ ସଙ୍କଟ ସମୟରେ ଦେଶର ଆର୍ଥିକ ସ୍ଥିତିକୁ ସୁରକ୍ଷିତ ରଖିବା ପାଇଁ ମନ୍ତ୍ରୀମାନଙ୍କୁ ସଜାଗ ରହିବାକୁ କୁହାଯାଇଛି ।

ଖର୍ଚ୍ଚକାଟ ପାଇଁ କଠୋର ହେଲେ ସରକାର :

ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ୮ ସୂତ୍ରୀ ନିର୍ଦ୍ଦେଶାବଳୀ

ଭୁବନେଶ୍ୱର,୨୨/୫(ନି/ପ୍ର): ସାମ୍ପ୍ରତିକ ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁ ଖର୍ଚ୍ଚକାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ କାରକେଡ଼୍‌ର ଗାଡ଼ି ସଂଖ୍ୟା ଅଧା କରିଥିବା ବେଳେ ପେଟ୍ରୋଲ୍ ଓ ଡିଜେଲ୍ ଖର୍ଚ୍ଚ କମ୍ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟମନ୍ତ୍ରୀ ସରକାରୀ ବିଭାଗଗୁଡ଼ିକରେ ପେଟ୍ରୋଲ୍ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ପାଇଁ ସେ ଏକ ୮ସୂତ୍ରୀ ନିର୍ଦ୍ଦେଶାବଳୀ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ, କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ ଭର୍ଚୁଆଲ ମୋଡ୍‌ରେ କରାଯିବ । ଯେଉଁ ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଆବଶ୍ୟକ ଥିବ, ସେମାନେ ପ୍ରତ୍ୟକ୍ଷ ଭାବେ ବୈଠକରେ ଯୋଗ ଦେଇପାରିବେ । ଗକ୍ଷସବଭ ଗବହଷସ : ଆମେରିକା ସହ ରାଜିନାମାରୁ ଓଡ଼ିଶା ଲାଭବାନ ହେବ : ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ୮ ସୂତ୍ରୀ ନିର୍ଦ୍ଦେଶାବଳୀ ଅତ୍ୟାବଶ୍ୟକ ନଥିଲେ ଭର୍ଚୁଆଲ ମୋଡ୍‌ରେ ହେବ ବୈଠକ ସରକାରୀ କାର୍ଯ୍ୟାଳୟରେ କେବଳ ଇଭି ଗାଡ଼ି କିଣାଯିବ ଅଧିକାରୀମାନେ ଦୂର ସ୍ଥାନକୁ ବସ୍ କିମ୍ବା ରେଳରେ ଯିବେ ସେହିଭଳି ୧ ଜୁନ୍ ୨୦୨୬ ଠାରୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଯେତେ ନୂଆ ଦୁଇଚକିଆ ଓ ଚାରିଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ ହୋଇଥିବା ବାଧ୍ୟତାମୂଳକ । ବିଶେଷ ଆବଶ୍ୟକତା ଭିତ୍ତିରେ ପେଟ୍ରୋଲ୍ କିମ୍ବା ଡିଜେଲ୍ ଯାନ କିଣିବାକୁ ଅନୁମତି ଦିଆଯିବ । ସେହିଭଳି ଜୁନ୍ ପହିଲାରୁ ସରକାରୀ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ନିଆଯାଉଥିବା ସରକାରୀ ଚାରିଚକିଆ ଯାନ ଇଭି ହେବା ବାଧ୍ୟତାମୂଳକ କରାଯିବ । ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ସରକାରୀ ଯାନ ପାଇଥିବା ବରିଷ୍ଠ ଅଧିକାରୀମାନେ ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ । ସରକାରୀ ଯାନ ବ୍ୟବହାର ପାଇଁ ରାଶିର ପରିମାଣ ମଧ୍ୟ ତଦନୁଯାୟୀ ଅଧା କରାଯିବ । କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥ ବିଭାଗ ୧୫ ଦିନ ମଧ୍ୟରେ ଏକ ମାର୍ଗଦର୍ଶିକା ଜାରି କରିବ । ଦୂର ସ୍ଥାନକୁ ପରିଦର୍ଶନରେ ଗଲା ବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ । ଯେଉଁ ଅଧିକାରୀମାନଙ୍କ ନିଜସ୍ୱ ବୈଦ୍ୟୁତିକ ଗାଡ଼ି ରହିଛି ସେମାନେ ସରକାରୀ କାର୍ଯ୍ୟରେ କିଭଳି ଏହାକୁ ବ୍ୟବହାର କରିପାରିବେ, ସେ ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ବହୁଳ ମାତ୍ରାରେ ସରକାରୀ କର୍ମଚାରୀ ରହୁଥିବା ସ୍ଥାନରୁ କର୍ମଚାରୀମାନଙ୍କ ଯିବା ଆସିବା ପାଇଁ ବୈଦ୍ୟୁତିକ ବସ୍ କିମ୍ବା ମିନିବସ୍ ସେବା ଯୋଗାଇ ଦିଆଯିବ ।

ଘାତକ ହେଲା ତାତି, କାଳବୈଶାଖୀ : ୨୫ ଯାଏଁ ଗ୍ରୀଷ୍ମ ଲହରି

ରାଉରକେଲା/ ବନ୍ଧମୁଣ୍ଡା,୨୨/୫(ନି/ପ୍ର) : ରାଉରକେଲା ସରକାରୀ ହସ୍ପିଟାଲ କ୍ୟାମ୍ପସ୍ ପରିସରରେ ଗୁରୁବାର ୨ଜଣ ବ୍ୟକ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି । ଉଭୟଙ୍କ ମୃତଦେହକୁ ଶବାଗାରରେ ରଖାଯାଇଛି । ଜଣଙ୍କ ବୟସ ପ୍ରାୟ ୪୬ ବର୍ଷ ଏବଂ ଅନ୍ୟ ମୃତକଙ୍କ ବୟସ ପ୍ରାୟ ୬୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଏନେଇ ରଘୁନାଥପାଲି ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସେହିପରି ବନ୍ଧମୁଣ୍ଡା-ବିମଳାଗଡ଼ ରେଳପଥର ଡୁମେର୍ତା ରେଳଷ୍ଟେସନ୍ ୧ନଂ ପ୍ଲାଟଫର୍ମରୁ ଆଜି ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକଙ୍କ ଆନୁମାନିକ ବୟସ ପ୍ରାୟ ୫୫ ବର୍ଷ । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁଯାୟୀ, ଗତକାଲି ସକାଳେ ଜଣେ ବ୍ୟକ୍ତି(୪୬) ତାଙ୍କର ସମ୍ପର୍କୀୟଙ୍କ ସହ ଆରଜିଏଚ ଆସିଥିଲେ । ହସ୍ପିଟାଲ କ୍ୟାମ୍ପସ୍‌ରେ ଦିନ ତମାମ ବୁଲିବା ପରେ ପୁରୁଣା ଆହାର କେନ୍ଦ୍ର ନିକଟରେ ବିଶ୍ରାମ ନେଇଥିଲେ । ରାତି ପ୍ରାୟ ୩ଟାବେଳେ ଭୋକ ବିକଳରେ ଜଣେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଖାଇବା ମାଗିଥିଲେ । ଡ୍ରାଇଭରଙ୍କ କିଛି ସମ୍ବଳ ନ ଥିବାରୁ ସେ ସହଯୋଗ କରିପାରି ନଥିଲେ । ସକାଳ ୫ଟାବେଳେ ସେ ଅଚେତ ଅବସ୍ଥାରେ ପଡ଼ିଥିବା କିଛି ଲୋକ ଦେଖିବା ପରେ ତୁରନ୍ତ ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ । ସକାଳ ପ୍ରାୟ ୯ଟାବେଳେ ତାଙ୍କ ମୃତଦେହ ଶବାଗାରକୁ ନିଆଯାଇଥିଲା । ମାତ୍ର କିଛି ଘଣ୍ଟାର ବ୍ୟବଧାନ ପରେ ସେହି ଆହାର କେନ୍ଦ୍ର ବାରଣ୍ଡାରୁ ଆଉ ଜଣେ ଅଜଣା ବ୍ୟକ୍ତି(୬୦)ଙ୍କ ମୃତଦେହ ଉଦ୍ଧାର ହୋଇଛି । ସେ କିଛି ମାସ ପୂର୍ବରୁ ଚିକିତ୍ସା ପାଇଁ ଆରଜିଏଚ୍ ଆସିଥିଲେ । ସୁସ୍ଥ ହେବାପରେ କୁଆଡ଼େ ପଳାଇ ଯାଇଥିଲେ । ୪/୫ ଦିନ ପୂର୍ବରୁ ପୁଣି ଆସି ଆହାର କେନ୍ଦ୍ର ପାଖରେ ଆଶ୍ରୟ ନେଇଥିଲେ । ତେବେ ଆଜି ଦିନ ପ୍ରାୟ ୧ଟାବେଳେ ତାଙ୍କର ମୃତ୍ୟୁ ହୋଇଛି । ଏନେଇ ଫାଣ୍ଡି ଅଧିକାରୀ ଜାଣିବା ପରେ ଉଭୟଙ୍କ ପରିଚୟ ଖୋଜିବାକୁ ତନାଘନା ଆରମ୍ଭ କରିଛନ୍ତି । ପ୍ରଚଣ୍ଡ ଖରାରୁ ଉଭୟଙ୍କ ମୃତ୍ୟୁ ହୋଇଥିବା ଲୋକେ ଆଲୋଚନା କରୁଛନ୍ତି । ସେହିପରି ଡୁମେର୍ତା ରେଳଷ୍ଟେସନର ୧ନଂ ପ୍ଲାଟଫର୍ମରୁ ଆଜି ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକଙ୍କ ପରିଚୟ ମିଳିନାହିଁ । ଆଜି ସକାଳେ ରେଳ କର୍ମଚାରୀମାନେ ପ୍ଲାଟଫର୍ମରେ ସଂପୃକ୍ତ ବ୍ୟକ୍ତିଙ୍କୁ ଶୋଇଥିବା ଅବସ୍ଥାରେ ଦେଖିଥିଲେ । ସେ ନ ଉଠିବାରୁ ଜିଆରପିକୁ ସୂଚନା ଦେଇଥିଲେ । ଜିଆରପି ଟିମ୍‌ର ଯାଂଚ ସମୟରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା । ପ୍ରଚଣ୍ଡ ଖରା ଓ ଭୋକରେ ରହିବା କାରଣରୁ ତାଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । ବେଲଗୁଣ୍ଠା/ବୁଗୁଡ଼ା : ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ଓ ବେଲଗୁଣ୍ଠା ବ୍ଲକ୍‌ରେ ଅଂଶୁଘାତ ଯୋଗୁ ତିନିଜଣ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି । ମୃତକମାନେ ହେଲେ ବେଲଗୁଣ୍ଠା ବ୍ଲକ ତଥା ଗାଙ୍ଗପୁର ଥାନା ପାଇଲିପଡ଼ା ପଚାଂୟତ ଧାନପୁଞ୍ଜା ଗ୍ରାମର ଭାଗଚାଷୀ ଜଗନ୍ନାଥ ସ୍ୱାଇଁ (୫୫), ବୁଗୁଡ଼ା ପିପୁଲ୍ସ କଲେଜ ପିଅନ ଡାକ୍ତର ସ୍ୱାଇଁ ଓରଫ ଡାକ ଓ ବୁଗୁଡ଼ା ଥାନା ଚିଲିଖମାର ଚାଷୀ ତଥା ଏଲ୍ଆଇସି ଏଜେଂଟ ସୁଧୀର ଚନ୍ଦ୍ର ସ୍ୱାଇଁ(୫୮) । ସେହିପରି ବୁଗୁଡ଼ା ଥାନା କରଡ଼ାବାଡ଼ିର ସୁଶୀଳା ପ୍ରଧାନ(୭୫) ଅଂଶୁଘାତରେ ଗୁରୁତର ଅସୁସ୍ଥ ହୋଇଛନ୍ତି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ବିଜୁ ଜନତା ଦଳ ମହିଳା ଶାଖା ପକ୍ଷରୁ କେନ୍ଦୁଝରରେ ନାରୀ ଅଧିକାର ଅଭିଯାନ
ରାଜ୍ୟରେ ଆଇନ ଶୃଙ୍ଖଳା ଅବନତି ନେଇ ବିଶାଳ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

କେନ୍ଦୁଝର, ୨୨/୫(ନି/ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ବିଜୁ ଜନତା ଦଳ ମହିଳା ଶାଖା ତରଫରୁ ମହିଳାଙ୍କୁ ଶତକଡା ୩୩ପ୍ରତିଶତ ସଂରକ୍ଷଣ ସହ ନାରୀ ନିର୍ଯ୍ୟାତନା ନିୟନ୍ତ୍ରଣ କରିବାକୁ ଦାବୀ କରି ବୁଧବାର ପୂର୍ବାହ୍ନରେ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ବିଜୁ ଜନତା ଦଳର ସଭାପତି ଆଶିଷ ଚକ୍ରବର୍ତ୍ତୀ ଓ ଜିଲ୍ଲା ବିଜୁ ଜନତା ଦଳ ମହିଳା ଶାଖା ସଭାନେତ୍ରୀ କମଳିନୀ ପାତ୍ରଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଆୟୋଜିତ ଏକ ସଂକ୍ଷିପ୍ତ ସଭାରେ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ନିଜ ବକ୍ତବ୍ୟରେ ମହିଳା ସଂରକ୍ଷଣ ଅଧିନିୟମର ତ୍ୱରିତ କାର୍ଯ୍ୟକାରୀ କରିବା ସହ ମହିଳାମାନଙ୍କ ପ୍ରତି ବଢ଼ି ଚାଲିଥିବା ନୃଶଂସ ନିର୍ଯାତନାକୁ ଗତ କିଛିଦିନ ଧରି ସାରା ଦେଶରେ ମହିଳା ସଂରକ୍ଷଣକୁ ନେଇ ଜୋରରେ ପ୍ରଚାର ଚାଲିଛି । ପାର୍ଲାମେଂଟରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ସବୁଆଡେ ନାରୀ ଅଧିକାର ଓ ସଶକ୍ତିକରଣର ବଡ ବଡ ଭାଷଣବାଜି ଚାଲିଛି । କିନ୍ତୁ ପ୍ରକୃତରେ ମହିଳାମାନଙ୍କ ରାଜନୈତିକ, ସାମ୍ବିଧାନିକ ଅଧିକାର ଓ ସାମାଜିକ ସୁରକ୍ଷା ଆଜି ମଧ ବଡ ପ୍ରଶ୍ନବାଚୀ ହୋଇ ରହିଛି । ନାରୀମାନଙ୍କ ଅଧିକାର ପାଇଁ ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ । ପଂଚାୟତରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରୀ କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁ ବାବୁ ଇତିହାସ ସୃଷ୍ଟି କରି ଯାଇଛନ୍ତି । ବିଜୁ ବାବୁଙ୍କ ଆଦର୍ଶରେ ନବୀନ ବାବୁଙ୍କ ସରକାର ପଂଚାୟତରାଜ ଓ ପୌର ସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲେ । ୨୦୧୯ ଓ ୨୦୨୪ ନିର୍ବାଚନରେ ଲୋକସଭା ପାଇଁ ବିଜୁ ଜନତା ଦଳର ମାନ୍ୟବର ସଭାପତି ନବୀନ ପଟ୍ଟନାୟକ ମହିଳାମାନଙ୍କୁ ୩୩ ପ୍ରତିଶତ ଟିକେଟ ମଧ ଦେଇଥିଲେ । ମହିଳା ସଂରକ୍ଷଣ ବିଜୁ ଜନତା ଦଳର ସବୁ ସମୟରେ ପ୍ରଥମ ଆଭିମୁଖ୍ୟ ରହିଛି ଓ ରହିଥିବ । ମହିଳା ସଂରକ୍ଷଣ ବିଲ୍ ୨୦୨୩ କୁ ପାର୍ଲାମେ[ରେ ବିଜୁ ଜନତା ଦଳ ଦୃଢ ଭାବରେ ନିଃସର୍ତ ସମର୍ଥନ କରିଥିଲା । ଦୁଃଖ ଓ ପରିତାପର ବିଷୟ କେନ୍ଦ୍ର ସରକାର ବିଭିନ୍ନ ଆଳ ଦେଖାଇ ଏହାକୁ ଲାଗୁ କଲେ ନାହିଁ । ସୀମା ପୁନଃ ନିର୍ଦ୍ଧାରଣ ବିଲ୍କୁ ଲୁଚ୍ଚାୟିତ ଭାବରେ ମହିଳା ସଂରକ୍ଷଣ ବିଲ୍ ନାଁରେ ପାରିତ କରିବାର ଅପଚେଷ୍ଟା ଓ ହୀନ ଚକ୍ରାନ୍ତ କରିଥିଲେ । ବିଜେଡି ଦୃଢ ଦାବି କରିଛି ଯେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଉଭୟ ଲୋକସଭା ଓ ବିଧାନସଭାରେ ତୁରନ୍ତ ଲାଗୁ କରାଯାଉ । ବର୍ତ୍ତମାନ ଲୋକସଭାରେ ସ୍ଥାନ ସଂଖ୍ୟା ଭିତିରେ ଏହି ୩୩ ପ୍ରତିଶତ ସଂରକ୍ଷଣ ମହିଳାମାନଙ୍କୁ ଦିଆଯାଉ । ସୀମା ନିର୍ଦ୍ଧାରଣ ବିଲ୍ ସହିତ ମହିଳା ସଂରକ୍ଷଣକୁ ଯୋଡି ମହିଳାଙ୍କ ଭିତରେ ବିଭ୍ରାନ୍ତି ସୃଷ୍ଟି କରାଯାନଯାଉ ବୋଲି ଶ୍ରୀ ଚକ୍ରବର୍ତ୍ତୀ ପ୍ରକାଶ କରିଥିଲେ । ଜିଲ୍ଲା ବିଜୁ ଜନତା ଦଳର ମହିଳା ଶାଖା ସଭାନେତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭାନେତ୍ରୀ କମଳିନୀ ପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡିଶା ଆଜି ମହିଳା ହିଂସା ଓ ଅପରାଧର ପେଣ୍ଠସ୍ଥଳୀ ପାଲଟିଗଲାଣି । କ୍ରମାଗତ ଭାବରେ ମହିଳା ହିଂସା, ଯୌନ ଉତ୍ପୀଡନ ବୃଦ୍ଧି ପାଇବାରେ ଲାଗିଛି । ଜାତୀୟ ଅପରାଧ ତଥ୍ୟ ପରିସଂଖ୍ୟାନ ବା ଏନସିଆରବି ରିପୋର୍ଟ ଅନୁଯାୟୀ, ମହିଳା ଯୌନ ନିର୍ଯ୍ୟାତନା କ୍ଷେତ୍ରରେ ଓଡିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି । ପ୍ରତ୍ୟେକ ଦିନ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ମହିଳାଙ୍କୁ ହତ୍ୟା ଭଳି ବର୍ବରୋଚିତ, ଅମାନୁଷିକ କାଣ୍ଡ ଘଟି ଚାଲିଛି । ଶାନ୍ତିପ୍ରିୟ ଓଡିଶା ଆଜି ସାରା ପୃଥିବୀରେ ଲଜ୍ଜିତ ଓ ନିନ୍ଦିତ ହୋଇଛି । ମହିଳାଙ୍କ ଉପରେ ଅତ୍ୟାଚାରକୁ ଦେଖି ଯୁକ୍ତରାଷ୍ଟ୍ର ଆମେରିକା ଓଡିଶା ନଯିବାକୁ ମାର୍ଗଦର୍ଶିକା ଜାରି କଲା । ଜଣେ ମହିଳାଙ୍କ ମୃତ୍ୟୁକୁ ପ୍ରମାଣ କରି ନିଜ ପ୍ରାପ୍ୟ ପାଇବାକୁ ଯାଇ ଭାଇକୁ ମହିଳାଙ୍କ କଙ୍କାଳ ଖୋଳି ବ୍ୟାଙ୍କକୁ ନେବା ଭଳି ଅଭାବନୀୟ ଘଟଣା ଅନ୍ତର୍ଜାତୀୟ ଗଣମାଧମରେ ଶିରୋନାମା ପାଲଟିଥିଲା । ଏହା ଏକ ସମ୍ବେଦନହୀନ ରାଜ୍ୟ ସରକାରଙ୍କ ପ୍ରଶାସନିକ ଚରମ ଅବହେଳା ଓ ଉତରଦାୟିତ୍ୱ ହୀନତାକୁ ଦର୍ଶାଉଛି ବୋଲି ଶ୍ରୀମତୀ ପାତ୍ର କହିଥିଲେ । ପୂର୍ବତନ ସାଂସଦ ମାଧବ ସର୍ଦାର ନିଜ ବକ୍ତବ୍ୟରେ ବିଗତ ଦୁଇବର୍ଷରେ ସରକାରଙ୍କ ଅପାରଗତା, ବିଫଳତା ତଥା ଅପରାଧ ନିୟନ୍ତ୍ରଣରେ ଚରମ ଉଦାସିନତା ହେତୁ ୪୮,୦୦୦ ମହିଳା ହିଂସା ଓ ଯୌନ ନିର୍ଯ୍ୟାତନା ମାମଲା ଥାନାରେ ରେକର୍ଡ ହୋଇଛି । ବିଗତ ଏକ ସପ୍ତାହ ଭିତରେ ଘଟିଥିବା ହୃଦୟ ବିଦାରକ ଓ ଅମାନୁଷିକ ଅପରାଧ ଓଡିଶାର ଭାବମୂର୍ତ୍ତିକୁ ଆହୁରି କ୍ଷୁର୍ଣ୍ଣ କରିଛି । ଢେଙ୍କାନାଳର ଭାପୁରରେ ମହିଳାଙ୍କୁ ଦୁଷ୍କର୍ମ କରି ମୁହଁକୁ ପଥରରେ ଛେଚି ଦିଆଗଲା, ହିଞ୍ଜିଳିରେ ଜଣେ ଗର୍ଭବତୀ ମହିଳାଙ୍କୁ ତିନି ବର୍ଷର ଶିଶୁକନ୍ୟା ସାମ୍ନାରେ ହତ୍ୟା କରାଗଲା, ବରଗଡରେ କାର୍ଯ୍ୟରତ ଶିକ୍ଷୟିତ୍ରୀଙ୍କୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଯୌନ ନିର୍ଯ୍ୟାତନା ଦିଆଗଲା । ବାଲିଅନ୍ତାରେ ବୃଦ୍ଧମାଆଙ୍କ ଏକମାତ୍ର ପୁତ୍ରକୁ ପୋଲିସ ସମ୍ମୁଖରେ ପିଟିପିଟି ମାରି ଦିଆଗଲା । ବାଲିପାଟଣାରେ ଯୁବକଙ୍କୁ ନିର୍ମମ ହତ୍ୟା କରାଯିବା ଭଳି ହିଂସା ଘଟଣାରେ ସରକାରଙ୍କ ଉପରୁ ଓଡିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ଉଠିଯାଉଛି । ଜଣାପଡୁଛି ଓଡିଶାର ଆଇନର ଶାସନ ନାହିଁ ବୋଲି ଶ୍ରୀ ସର୍ଦାର କହିଥିଲେ । ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ ନିଜ ବକ୍ତବ୍ୟରେ ୨୦୨୩ ମସିହାରେ ପାର୍ଲାମେଂଟରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲକୁ ତୁରନ୍ତ ଲାଗୁ କରାଯାଇ ୩୩ ପ୍ରତିଶତ ଲୋକସଭାରେ ଓ ବିଧାନସଭାରେ ମହିଳା ସଂରକ୍ଷଣକୁ ଲାଗୁ କରାଯାଉ । ଓଡିଶାରେ ଗତ ଦୁଇବର୍ଷ ଭିତରେ କ୍ରମାଗତ ଭାବରେ ବଢି ଚାଲିଥିବା ନାରୀ ନିର୍ଯ୍ୟାତନା ଉପରେ ରୋକ ଲଗାଇବାକୁ ଦୃଢ ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବାକୁ ସେ ଦାବୀ କରିଛନ୍ତି । ନାରୀ ଅଧିକାର ଅଭିଯାନ ଅବସରରେ ବିଜେଡି ରାଜ୍ୟ ମହିଳା ଉପ ସଭାପତି ମୀନା ମାଝୀ, ଜିଲ୍ଲା ପରିଷଦ ସଭାନେତ୍ରୀ ସାଗରୀକା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ଅରୁଣ ବାରିକ, ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତୀ ନାଏକ,ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ଆଦିବାସୀ ନେତା ସତ୍ୟବ୍ରତ ନାଏକ, ସଦର ବ୍ଲକ ବିଜେଡି ସଭାପତି ଚକ୍ରଧର ପରିଡା, ନଗର ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ଝୁମ୍ପୁରା ବ୍ଲକ ସଭାପତି ଡ଼ମ୍ବୁରୁଧର ଦାସ, ସଦର ବ୍ଲକ ଯୁବ ସଭାପତି ଟିକିନା ବ୍ରହ୍ମ, ରାଜୁ ବାରିକ, ଜଗଦିଶ ଆପଟ, ଭୀମ ସେନ ଟୁଡୁ, ରାଧା କାନ୍ତ ନାଏକ,ହାଣ୍ଡିଭଙ୍ଗା ସରପଂଚ ପୂର୍ଣ୍ଣମୀ ସର୍ଦାର, ନାରୀ ନେତ୍ରୀ ଗୀତାଞ୍ଜଳି ମହାନ୍ତି, ରୁନୁ ମଲ୍ଲିକ, ଗୋଲାପ ନାଏକ, ମଞ୍ଜୁଲତା ନାୟକ, କୁମଦୁନୀ ନାଏକ, ଝରଣା ମହାରଣା, ଅଞ୍ଜଳି ନାଏକ, ତୁଳସୀ ମହାନ୍ତ ସହ ପ୍ରାୟ ଏକ ହଜାର ନାରୀ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

୩୪ ଲିଟର ଦେଶୀ ମଦ ଜବତ, ଦୁଇ ଗିରଫ

ଭୁବନ, ୨୨/୫(ନି/ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ବୁଧବାର ୩୪ ଲିଟର ଦେଶୀ ମଦ ଜବତ କରିବା ସହ ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ଭୁବନ ଥାନା ଅନ୍ତର୍ଗତ ଶୁଣ୍ଢି କାଟେଣୀ ଓ କୀର୍ତନପୁର ଅଂଚଳରେ ଚୋରା ଦେଶୀ ମଦ କାରବାର ହେଉଥିବା ଖବର ପାଇ ଅବକାରୀ ନିରୀକ୍ଷକ ବୁଲୁ ପାତ୍ର ବୁଧବାର ସକାଳେ ସଦଳବଳେ ପାଟ୍ରୋଲିଂରେ ଯାଇଥିଲେ । ଶୁଣ୍ଢି କାଟେଣୀ ଗ୍ରାମର ସଫା ବେହେରାଙ୍କ ଠାରୁ ୧୬ ଲିଟର ଓ କୀର୍ତନପୁର ଗ୍ରାମର ରବି ନାରାୟଣ ଧୀରଙ୍କ ଠାରୁ ୧୮ ଲିଟର (ସମୁଦାୟ ୩୪ ଲିଟର) ଦେଶୀ ମଦ ଜବତ କରାଯାଇ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ।ଭୁବନ ଅବକାରୀ ଇନ୍ସପେକ୍ଟର ବୁଲୁ ପାତ୍ରଙ୍କ ତତ୍ତ୍ୱାବଧାନରେ କନଷ୍ଟେବଳ ଶ୍ରଦ୍ଧାଞ୍ଜଳି ସାମଲ, ସୁଜିତ ନାୟକ, ଆଲୋକ କୁମାର ଜେନା ସହଯୋଗ କରିଥିଲେ ।ଏ ସମ୍ପର୍କରେ କେଶ୍ ନଂ ୨୮/୨୦୨୬-୨୭ ଓ ୨୯/୨୦୨୬ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି ।

ବଡ଼ବିଲ ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

ବାସୁଦେବପୁରରେ ଉନ୍ନୟନ ଓ ଯୋଜନାମୂଳକ କାର୍ଯ୍ୟକ୍ରମର ସମୀକ୍ଷା

ଭଦ୍ରକ, ୨୨/୫(ନି/ପ୍ର): ବାସୁଦେବପୁର ବିଧାନ ସଭା ଉନ୍ନୟନ କମିଟି ବୈଠକ ବାସୁଦେବପୁର ବିଧାୟକ ତଥା ଏସିଡିସି ଅଧକ୍ଷ ଅଶୋକ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବାସୁଦେବପୁର ନିର୍ବାଚନମଣ୍ଡଳୀର ବିକାଶମୂଳକ କାର୍ଯ୍ୟ, ଚାଲୁଥିବା ସରକାରୀ ଯୋଜନାର ଅଗ୍ରଗତି ଓ ପ୍ରଶାସନିକ ସମନ୍ୱୟ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସଭାରେ ତିହିଡି ପଂଚାୟତ ସମିତି ଅଧକ୍ଷା ଅବନ୍ତି ଦାସ , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ପ୍ରହ୍ଲାଦ ରଣା, ବାସୁଦେବପୁର ବ୍ଲକ ଉନ୍ନୟନ ଅଧିକାରୀ ତନ୍ମିତା କର, ତିହିଡ଼ି ବ୍ଲକ ଉନ୍ନୟନ ଅଧିକାରୀ ନିରଞ୍ଜନ ବାରିକ ଏବଂ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ ଉପସ୍ଥିତ ଥିଲେ । ବୈଠକରେ ବିଭିନ୍ନ ବିଭାଗ ମଧରେ ସମନ୍ୱୟ ରଖି ସରକାରୀ ଯୋଜନାର ସୁଫଳ ସାଧାରଣ ଲୋକଙ୍କ ପାଖରେ ସୁଚାରୁ ଭାବେ ପହଂଚାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।ଜିଲ୍ଲାର ବିଭିନ୍ନ ବିଭାଗକୁ ବକେୟା ଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମାପ୍ତ କରିବା ସହ ଉନ୍ନୟନ କାର୍ଯ୍ୟରେ ଅଧିକ ତ୍ୱରାନ୍ୱିତତା ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା । ବିଶେଷକରି ଆର ଆଣ୍ଡ ବି ବିଭାଗ, ଶିକ୍ଷା ଓ ପାନୀୟଜଳ ବିଭାଗ, ଡ୍ରେନେଜ ଓ ଇଲେକ୍ଟ୍ରିକାଲ ବିଭାଗକୁ ବକେୟା କାମଗୁଡ଼ିକୁ ଶୀଘ୍ର ସମ୍ପନ୍ନ କରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ , ଭଦ୍ରକର ଆର୍ଥିକ ବିଶେଷଜ୍ଞ ଡ଼ଃ ଭଗବାନ ବାରିକ, ଏସଇଆଇ ଭୋଳାନାଥ ରାଉଳ ଓ ହରିହର ଗୁଇନ ସଭା ପରିଚାଳନାରେ ସହଯୋଗ କରିଥିଲେ ।

ଅବସରପ୍ରାପ୍ତ କର୍ମଚାରୀଙ୍କ ଠାରୁ ଲାଞ୍ଚ ନେଇ ଦୁଇ ଏଆରସିଏସ୍ କର୍ମଚାରୀ ଗିରଫ

ଭୁବନେଶ୍ୱର,୨୨/୫(ନି/ପ୍ର): ଟଙ୍କା, ମୁହଁ କରିଦିଏ ବଙ୍କା । ଟଙ୍କାର ଲୋଭ କ'ଣ ନକରିପାରେ, ଏକଦା ମିଳିମିଶି କାର୍ଯ୍ୟ କରୁଥିବା ସହ କର୍ମଚାରୀଙ୍କ ଠାରୁ ମଧ ଲାଞ୍ଚ ନେବାକୁ ମଣିଷ ପଛଘୁଞ୍ଚା ଦିଏନାହିଁ । ବଲାଙ୍ଗୀରଜିଲ୍ଲା ଟିଟିଲାଗଡ଼ ଏଆରସିଏସ୍ କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଏରିଅର ଦରମା ପ୍ରଦାନ କରିବା ନିମନ୍ତେ ୭୦ ହଜାର ଟଙ୍କା ଲାଞ୍ଚ ନେଇ ସେହି କାର୍ଯ୍ୟାଳୟର ବରିଷ୍ଠ ସହକାରୀ ଓ ପିଅନ୍ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ସୂଚନାନୁସାରେ, ଅଭିଯୋଗକାରୀ କର୍ମଚାରୀଜଣକ ଜାନୁଆରୀ ୨୦୨୫ରେ ଅବସର ଗ୍ରହଣ କରିଥିଲେ । ଏମ୍ଏସିପି (ମୋଡିଫାଇଡ୍ ଆସୁଏର୍ଡ କ୍ୟାରିଅର ପ୍ରୋଗ୍ରେସନ୍)ର ଏରିଅର ଦରମା ପ୍ରଦାନ କରିବା ନିମନ୍ତେ ବାରମ୍ବାର ଅନୁରୋଧ ପରେ ମଧ କାର୍ଯ୍ୟାଳୟର ବରିଷ୍ଠ ସହକାରୀ ଅନିଲ କୁମାର ପଣ୍ଡା କୌଣସି ସହଯୋଗ କରୁନଥିଲେ । ପରେ ୧ ଲକ୍ଷ ଟଙ୍କା ଲାଞ୍ଚ ବଦଳରେ ଏହାର କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ଅଗ୍ରିମ ଆକାରରେ ୭୦ହଜାର ଟଙ୍କା ପିଅନ୍ ହରେକୃଷ୍ଣ ମାଝିଙ୍କ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର କରିବାକୁ କହିଥିଲେ । କହିବାନୁସାରେ ଅଭିଯୋଗକାରୀ କର୍ମଚାରୀ ଜଣକ ଭିଜିଲାନ୍ସ ବିଭାଗ ଠାରେ ଅଭିଯୋଗ କରିଥିଲେ । ଯୋଜନା ଅନୁସାରେ ଉକ୍ତ ଟଙ୍କା ପିଅନ୍ଙ୍କ ଆକାଉଂଟରେ ଜମା ହେବା ପରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲେ । ଏନେଇ ଦୁର୍ନୀତି ନିବାରଣ ଆଇନ ୨୦୧୮ର ଧାରା ୭/୧୨ରେ ନଂ ୬ ମାମଲା ରୁଜୁ କରିବା ସହ ବରିଷ୍ଠ ସହାୟକ ପଣ୍ଡା ଓ ପିଅନ ମାଝିଙ୍କୁ ଗିରଫ କରାଯାଇଛି । ଏବଂ ଜମା ହୋଇଥିବା ବ୍ୟାଙ୍କ୍ ଖାତାକୁ ଜବତ କରିଛନ୍ତି । ଆୟବହିର୍ଭୁତ ସମ୍ପତ୍ତି ଠୁଳ ସନ୍ଦେହରେ ଗିରଫ କର୍ମଚାରୀଙ୍କ ବାସଭବନ, କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ।



ଠିକ୍ ସମୟରେ ଆସୁନାହାନ୍ତି ଡାକ୍ତର, ଫାର୍ମାସିଷ୍ଟ ଓ ଲ୍ୟାବ ଟେକ୍ନିସିଆନ ଅପେକ୍ଷା କରି ରୋଗୀ ହନ୍ତସନ୍ତ

ବଲାଙ୍ଗୀର, ୨୨/୫(ନି/ପ୍ର): ଦୂର ଦୁରାନ୍ତରୁ ରୋଗୀ ଚିକିତ୍ସିତହେବା ପାଇଁ ଆସି ଅପେକ୍ଷା କରି ଚାହି ବସି ଥିଲେ ମଧ ଠିକ ସମୟରେ ଆସୁନାହାନ୍ତି କୌଣସି ଡାକ୍ତର ଫାର୍ମାସିଷ୍ଟ ଓ ଲ୍ୟାବ ଟେକ୍ନିସିଆନ । ଯାହାଫଳରେ ଅପେକ୍ଷା କରି ରୋଗୀ ହନ୍ତସନ୍ତ । ଏପରି ବିକଳ ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ । ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଲାଗିଥିବା ବୋର୍ଡ ର ସମୟ ସାରଣୀ ଅନୁଯାଇ ଓପିଡି ଖୋଲିବା ସମୟ ଏପ୍ରିଲ ମାସ ଠାରୁ ସେପଟ୍ମେର ମାସ ପର୍ଯ୍ୟନ୍ତ ସକାଳ ୭ ଘଂଟାରୁ ୧୧ ଘଂଟା ଓ ଅପରାହ୍ନ ୪ ଘଂଟାରୁ ୬ ଘଂଟା ପର୍ଯ୍ୟନ୍ତ ଖୋଲା ରହି ଦାୟିତ୍ୱ ରେ ଥିବା ସମସ୍ତ କର୍ମଚାରୀ ଉପସ୍ଥିତ ରହିବା କଥା । ଦାୟିତ୍ୱ ରେ ଥିବା ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଥବିର ମେହେର ନୂଆ ନିୟମ ଲାଗୁ କରିଛନ୍ତି । ଯାହା ସକାଳ ୭ ଘଂଟାରୁ ୧୧ ଘଂଟା ପରିବର୍ତେ ସକାଳ ୮ଘଂଟାରୁ ୧୨ ଘଂଟା ଅଟେ । ଦୁଃଖର ବିଷୟ ଯେ ଅନେକ ରୋଗୀ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଚିକିତ୍ସା ପାଇଁ ଆସି ଉଚିତ ସମୟରେ ଚିକିତ୍ସା ପାଉନଥିବା ଯୋଗୁ ଅନେକ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଠିକ୍ ସମୟରେ ସରକାରୀ ସ୍ୱାସ୍ଥ୍ୟ ସେବା ପାଉନଥିବା ଯୋଗୁ ରୋଗୀ ମାନେ ପ୍ରାଇଭେଟ୍ କ୍ଲିନିକ୍କୁ ଯାଇ ଖର୍ଚ୍ଚାନ୍ତ ରେ ପଡୁଥିବା ଅଭିଯୋଗ ହେଉଛି । ମୁରୀବାହାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖିଆ ହିଁ ନିୟମ ଉଲଘଂନ କରୁଛନ୍ତି ତା ହେଲେ ତାଙ୍କ ଅଧିନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କର୍ମଚାରୀ ନିୟମ କୁ କେମିତି ମାନିବେ ? ଏପରି ଚିତ୍ର ପତ୍ରାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ଯ ଦେଖିବାକୁ ମିଳିଥିଲା ।ଏହି କେନ୍ଦ୍ରର ଡାକ୍ତରାଣୀ ମାତୃତ୍ୱ କାଳୀନ ଛୁଟିରେ ଅଛନ୍ତି ।ତାଙ୍କ ଅନୁପସ୍ଥିତିରେ ପତ୍ରାପାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଫାର୍ମାସିଷ୍ଟ ଦୀପକ କୁମାର ନନ୍ଦଙ୍କ ଭରଷାରେ ଚାଲିଅଛି । ହେଲେ ବିଡ଼ମ୍ବନାର ବିଷୟ ଏହାଯେ ରୋଗି ମାନେ ଦୂରଦୂରାନ୍ତରୁ ସକାଳ ୭ ଘଂଟା ସମୟରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସିତ ହେବା ପାଇଁ ଆସି ଅପେକ୍ଷା କରିଥିବା ବେଳେ ଫାର୍ମାସିଷ୍ଟ ବାବୁ ତାଙ୍କ ମନ ଇଚ୍ଛା ଅନୁସାରେ ୯ ଘଂଟା ପରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଛନ୍ତି । ଏବିଷୟରେ ଫାର୍ମାସିଷ୍ଟ ଶ୍ରୀ ନନ୍ଦଙ୍କୁ ପଚାରିବାରୁ ସକାଳ ୭ ଘଂଟା ଠାରୁ ୧୧ ଘଂଟା ପର୍ଯ୍ୟନ୍ତ ମୋର ଡିୟୁଟି ଅଛି କିନ୍ତୁ ମୋର ଅନ୍ୟ କାମ ଥିବା ହେତୁ ଆଜି ୨ ଘଂଟା ବିଳମ୍ବରେ ଆସିଛି ବୋଲି ସ୍ୱିକାର କରିବା ସହ ମୋର ଏହି ବିଳମ୍ବ ହେବା ବିଷୟରେ ଇନଚାର୍ଜ ଡ.ଥବିର ମେହେରଙ୍କୁ ଜଣାଇଥିଲି ସେ ଚାହିଁଥିଲେ ଅନ୍ୟ ଜଣକୁ ମୋ ସ୍ଥାନରେ ର ଦାୟିତ୍ୱ ଦେଇଥାନ୍ତେ ବୋଲି ପ୍ରକାଶ କରିଥିଲେ । ଏହି ବିଷୟରେ ଖବର ପ୍ରସାରଣ ହେଲା ପରେ ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ଥବିର ମେହେରଙ୍କୁ ଫୋନ୍ ଯୋଗେ ପଚାରିବାରୁ ମୁଁ ଉକ୍ତ ଫାର୍ମାସିଷ୍ଟ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ ଜାରୀ କରିଛି ବୋଲି କହିଥିଲେ । ଡାକ୍ତର ଓ କର୍ମଚାରୀ ମନମୁଖୀ କାର୍ଯ୍ୟ କରୁଥିବା ନେଇ ବାରମ୍ବାର ଖବର ପ୍ରସାରଣ ହୋଇଥିଲେ ମଧ କୁମ୍ଭ କର୍ଣ୍ଣ ନିଦ୍ରାରେ ଶୋଇପଡିଛନ୍ତି ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୁଷ୍ପାଞ୍ଜଳି ମିଶ୍ର ଲୋକଙ୍କ କହିବା ଅନଯାୟୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଦାୟିତ୍ୱ ରେ ଥିବା ଡାକ୍ତର ଙ୍କ ମଧରେ ରୋଟେସନ(ପାଳି) ଡ୍ୟୁଟି ହେଉ ନ ଥିବା ଅଭିଯୋଗ ହେଉଛି । କିଛିମାସ ପୂର୍ବରୁ ମୁରୀବାହାଲ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ରେ ମଧ ଡାକ୍ତର ମାନଙ୍କ ରୋଟେସନ(ପାଳି) ଡ୍ୟୁଟି ବିଷୟରେ ସିଡିଏମଓ ଙ୍କ ନିକଟରେ ଅଭିଯୋଗ ହୋଇଥିଲା ହେଲେ ତାହାର କିଛି ସମାଧାନ ହୋଇ ପାରିଲା ନାହିଁ । ଏପରି ନିଜ କାର୍ଯ୍ୟରେ ଅବହେଳା କରୁଥିବା ଡାକ୍ତର, ଲ୍ୟାବ ଟେକ୍ନିସିଆନ, ଫାର୍ମାସିଷ୍ଟ ବିରୁଦ୍ଧରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତ ? ନାଁ ଆପୋଷ ବୁଝାମଣାରେ ସୀମିତ ରହିଯିବ ତାହା ଦେଖିବାକୁ ବାକି ରହିଲା ।

ଗାଁ'କୁ ମଦମୁକ୍ତ ଲାଗି ମହିଳାଙ୍କ ମେଳି :
'ପ୍ରଶାସନ ବନ୍ଦ କରୁ, ନହେଲେ ଆମେ ବନ୍ଦ କରିବୁ'

ବୁଗୁଡ଼ା,୨୨/୫(ନି/ପ୍ର):ଗାଁକୁ ମଦମୁକ୍ତ କରିବାକୁ ରାଜରାସ୍ତାକୁ ଓହ୍ଲାଇଲେ ମହିଳା । ଦେଶୀ ଓ ବିଦେଶୀ ମଦ ଦୋକାନକୁ ପ୍ରଶାସନ ବନ୍ଦ କରୁ; ନହେଲେ ଆମେ ଦୋକାନ ବନ୍ଦ କରି ଦେଖାଇବୁ ବୋଲି ମହିଳାମାନେ ଚେତାବନୀ ଦେଇଥିଲେ । ଫଳରେ ଅବକାରୀ ବିଭାଗ ମଦ ଦୋକାନରେ ତାଲା ଠୁଙ୍କିବାକୁ ବାଧ ହୋଇଛି । ଗଞ୍ଜାମଜିଲ୍ଲା ବୁଗୁଡ଼ା ବ୍ଲକ୍ କରସିଙ୍ଗି ଗ୍ରାମରେ ମହିଳାମାନଙ୍କ ଏଭଳି ପ୍ରୟାସ ଚର୍ଚ୍ଚାର ବିଷୟ ପାଲଟିଛି । ବୁଦ୍ଧିଜୀବୀ ଓ ବିଭିନ୍ନ ନିଶା ବିରୋଧୀ ସଂଗଠନ ଏହାକୁ ସ୍ୱାଗତ କରିଛନ୍ତି । କରସିଙ୍ଗି ଗାଁରେ ଦୁଇଟିମଦ ଦୋକାନ (ଗୋଟିଏ ଦେଶୀ ଓ ଗୋଟିଏ ବିଦେଶୀ) ଥିବାରୁ ଦିନରାତି ନିଶାଡ଼ି ଓ ଅସାମାଜିକଙ୍କ ଆଡ଼ା ଜମୁଛି । ଛାତ୍ରୀମାନେ ସ୍କୁଲ୍ ଓ ଟ୍ୟୁସନ୍ ଯିବାକୁ ଭୟ କରୁଛନ୍ତି । ଅଭିଭାବକ ଅସୁରକ୍ଷିତ ମଣୁଛନ୍ତି । ଗାଁର ଯୁବକମାନେ ବି ନିଶା ପ୍ରତି ଆସକ୍ତ ହୋଇ ପଥଭ୍ରଷ୍ଟ ହେଉଛନ୍ତି । ଘରେ ଘରେ ଅଶାନ୍ତି ସୃଷ୍ଟି ହେଉଛି । ଗାଁରେ ଶାନ୍ତି ପ୍ରତିଷ୍ଠା ପାଇଁ ଏବଂ ମଦୁଆଙ୍କୁ ସାବାଡ଼ କରିବା ପାଇଁ ଆଜି ମହିଳାମାନେ ମେଳି ବାନ୍ଧିଥିଲେ । ଉଭୟ ଦେଶୀ ଓ ବିଦେଶୀ ମଦ ଦୋକାନ ଆଗରେ ହୋହଲ୍ଲା କରିବା ସହ ବନ୍ଦ କରିବାକୁ ଅଡ଼ି ବସିଥିଲେ । ଭଞ୍ଜନଗର ଉପଖଣ୍ଡ ଅବକାରୀ ଅଧିକାରୀ ପ୍ରଦୀପ ମହାନ୍ତି ଓ ବୁଗୁଡ଼ା ଅବକାରୀ ଥାନାଧିକାରୀ ଜ୍ୟୋତିରଞ୍ଜନ ସେନାପତି ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ତେବେ ମଦ ଦୋକାନ ବନ୍ଦ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଜିଦ୍ ଧରିବାରୁ ବାଧ ହୋଇ ଅବକାରୀ ଅଧିକାରୀ ମଦ ଦୋକାନୀଙ୍କୁ ତାଲା ପକାଇବାକୁ କହିଥିଲେ । ଦୋକାନକୁ ସଂପୂର୍ଣ୍ଣ ଭାବେ ବନ୍ଦ କରିବାକୁ ହେଲେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମହିଳାଙ୍କୁ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ମଦ ଦୋକାନ ଖୋଲିଲେ ନିଆଁ ଲଗାଇ ଦେବାକୁ ମହିଳାମାନେ ଚେତାବନୀ ଦେଇଛନ୍ତି ।



୩ ଦଫା ଦାବି ନେଇ ଖୋର୍ଦ୍ଧାରେ ଔଷଧ ଦୋକାନ ବନ୍ଦ

ଖୋର୍ଦ୍ଧା, ୨୨/୫(ନି/ପ୍ର): ସର୍ବଭାରତୀୟ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ଡାକରା କ୍ରମେ ଓ ଉତ୍କଳ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନ ଆହ୍ୱାନରେ ବୁଧବାର ସାରା ଭାରତରେ ଔଷଧ ଦୋକାନ ବନ୍ଦ ଡାକରାରେ ଖୋର୍ଦ୍ଧା ଜୋନ ତରଫରୁ ମଧ ସମସ୍ତ ଔଷଧ ଦୋକାନ ଗୁଡିକ ବନ୍ଦ କରାଯାଇ ଧାରଣା ଦିଆଯାଇଥିଲା । ତିନି ଦଫା ଦାବି ଯଥା ଔଷଧ ର ଅନଲାଇନ ବିକ୍ରୟ ବନ୍ଦ କରିବା, କର୍ପୋରେଟ ସଂସ୍ଥା ଦ୍ୱାରା ଗଭୀର ରିହାତି ବନ୍ଦ କରିବା ଏବଂ ନକଲି ଔଷଧକୁ ବଜାରରୁ ଏଡେଇବା ଦାବିରେ ଖୋର୍ଦ୍ଧାର ସମସ୍ତ ଔଷଧ ଦୋକାନ ବନ୍ଦ ହେବା ଦ୍ୱାରା ବହୁ ରୋଗୀ ଔଷଧ କିଣିବାରୁ ବଂଚିତ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ସଭାପତି ସରୋଜ କୁମାର ପାଇକରାୟ, କାର୍ଯ୍ୟକାରୀ ସଭାପତି ବଦ୍ରିନାରାୟଣ ମହାପାତ୍ର, ଖୋର୍ଦ୍ଧା ଜୋନ ସାଙ୍ଗଠନିକ ସମ୍ପାଦକ ସଂଜୟ କୁମାର ନାୟକ, ଖୋର୍ଦ୍ଧା ଜୋନ ସମ୍ପାଦକ କ୍ଷିତୀଶ କୁମାର ନିଶଙ୍କ ଏବଂ ବହୁ ଔଷଧ ଦୋକାନୀ ଉପସ୍ଥିତ ରହି ଏହି ବନ୍ଦକୁ ସଫଳ ରୂପାୟନ ଦେବାରେ ସହାୟକ ହୋଇଥିଲେ ।

କରଞ୍ଜିଆରେ ବିଜେପିର ଜନ ଆକ୍ରୋଶ ମହିଳା ସମାବେଶ

ଚମ୍ପୁଆ, ୨୨/୫(ନି/ପ୍ର): ଚମ୍ପୁଆ ବ୍ଲକ ବ୍ରହ୍ମପୁର କରଂଜିଆ ମଣ୍ଡଳ ଭାରତୀୟ ଜନତା ପାର୍ଟି ତରଫରୁ ଜନ ଆକ୍ରୋଶ ମହିଳା ସମାବେଶ ଆୟୋଜିତ ହୋଇଯାଇଛି । ବ୍ରହ୍ମପୁର ଗ୍ରାମ ଠାରୁ ଶତାଧିକ ମହିଳା ଏକତ୍ରୀତ ହୋଇ ସ୍ଲୋଗାନ ଦେଇ କରଂଜିଆ ବଜାର ପରିକ୍ରମା କରିଥିଲେ । କରଂଜିଆ ହାଟ ପଡ଼ିଆ ଠାରେ ସମାବେଶ ହୋଇ ମହିଳାମାନେ ମହିଳା ବିରୋଧୀ ରାଜନୈତିକ ଦଳ କଂଗ୍ରେସ, ବିଜେଡି ବିରୋଧରେ ବିଷୋଦଗାର କରିଥିଲେ । ନାରୀ ନେତ୍ରୀ ରଶ୍ମିତା ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ବିଜେପି ନେତା କରଂଜିଆ ମଣ୍ଡଳ ପ୍ରଭାରୀ ରମେଶଚନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତ ପ୍ରଧାନ ସଂଯୋଜନା କରିଥିବାବେଳେ, ବଳଭଦ୍ର ବେହେରା ଏବଂ ଲୋକନାଥ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ମଣ୍ଡଳ ସଭାପତି ଇନ୍ଦ୍ରଜିତ ମହାନ୍ତ, ସାଧାରଣ ସମ୍ପାଦକ ଲୋକନାଥ ପାତ୍ର, ରଞ୍ଜନ କୁମାର ମହାନ୍ତ, ସମ୍ପାଦକ ଦାଶରଥି ମହାକୁଡ଼, କାର୍ଯ୍ୟକର୍ତା ଯଦୁମଣି ନାୟକ, ରଘୁନାଥ ପାତ୍ର, ପ୍ରଦୀପ ବଡ଼ପଣ୍ଡା, ମହିଳା ନେତ୍ରୀ ରଶ୍ମିତା ମହାନ୍ତ, ପ୍ରମୁଖଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

ବିବିଧା

କାଷ୍ଟିଂ କାଉଚର ଶିକାର ହୋଇଥିଲେ ଡେଜି

ପୁଣି ଆସିଲା କାଷ୍ଟିଂ କାଉଚ ଅଭିଯୋଗ । ସଲମାନଙ୍କ ସହ ଅଭିନୟ କରିଥିବା ଅଭିନେତ୍ରୀ ଡେଜି ଶାହ କାଷ୍ଟିଂ କାଉଚକୁ ନେଇ ବଖାଣିଛନ୍ତି ନିଜର ଅଭିଜ୍ଞତା । ତେବ୍ୟୁ ପୂର୍ବରୁ କିଭଳି ଭାବେ ଏହାର ଶିକାର ହୋଇଥିଲେ ସେ ସମ୍ପର୍କରେ କହିଛନ୍ତି । ଯେତେବେଳେ ସେ ଅଡିସନ ଦେବାକୁ ଯାଇଥିଲେ ଆଉ ଫିଲ୍ମ ନିର୍ମାତା ତାଙ୍କ ସହ କରିଥିବା ଅଶାଳିନ ବ୍ୟବହାର ସମ୍ପର୍କରେ କହିଛନ୍ତି । ଜଣେ ଦକ୍ଷିଣ ଭାରତୀୟ ସିନେମା ନିର୍ମାତାଙ୍କ ନାଁରେ ଆଣିଛନ୍ତି ଏଭଳି ଅଭିଯୋଗ । ମୁମ୍ବାଇରେ ଅଡିସନ ଚାଲିଥିଲା । ଯେତେବେଳେ ମୁଁ ଅଡିସନ ପାଇଁ ଯାଇଥିଲି ନିର୍ଦ୍ଦେଶକଙ୍କ ବ୍ୟବହାର ମୋତେ ଅସହଜ ଲାଗିଥିଲା ବୋଲି ସେ ପ୍ରକାଶ କରିଛନ୍ତି । ସେ ମୋତେ ଏକାକି ରୁମକୁ ଆସିବାକୁ କହିଥିଲେ । ଆଉ ଯେତେବେଳେ ଯାଇଥିଲି ମୋ ହାତ ଧରିଥିଲେ । ତାଙ୍କ ଧରିବାର ଉଦ୍ଦେଶ୍ୟ ମୁଁ ଜାଣିପାରିଥିଲି । ମୋତେ କେହି ଛୁଇଁଲେ ଭଲ ଲାଗେ ନାହିଁ । ଯେଉଁ କାରଣରୁ ମୁଁ ମସାଜ ମଧ୍ୟ କରେ ନାହିଁ ବୋଲି ଅଭିନେତ୍ରୀ ଜଣକ କହିଛନ୍ତି । ପରେ ମୋତେ ଯେତେ ଫୋନ କରିଥିଲେ ମଧ୍ୟ ମୁଁ ତାଙ୍କ ଫୋନ୍ ଉଠାଇନଥିଲି ଏବଂ କାମ କରିବାକୁ ସିଧା ସିଧା ମନା କରିଦେଇଥିଲି । ଡେଜି ଶାହ ସଲମାନ ଖାନଙ୍କ ଫିଲ୍ମ 'ଜୟ ହୋ' ସହିତ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ । ଏହା ପରେ, ସେ ଅନେକ ଫିଲ୍ମରେ ଅଭିନୟ କରିଥିଲେ, କିନ୍ତୁ ଇଣ୍ଡଷ୍ଟ୍ରିରେ ନିଜକୁ ପ୍ରତିଷ୍ଠିତ କରିପାରି ନଥିଲେ । ଏହି ଅଭିନେତ୍ରୀ ପ୍ରାୟ ୭-୮ ଟି ପ୍ରୋଜେକ୍ଟରେ କାମ କରିଛନ୍ତି, କିନ୍ତୁ କୌଣସିଟି ତାଙ୍କୁ ଆଣା କରିଥିବା ସଫଳତା ଦେଇପାରି ନାହାଁନ୍ତି । ଡେଜି ଖୁବ୍ ଶୀଘ୍ର ପଲାଶ ମୁଛଲଙ୍କ ପରବର୍ତ୍ତୀ ଫିଲ୍ମରେ ନଜର ଆସିବେ, ଯେଉଁଥିରେ ଶ୍ରେୟସ ତଲପଡେ ମଧ୍ୟ ଅଭିନୟ କରିଛନ୍ତି ।

ଶାହାରୁଖଙ୍କ ବଡିଗାର୍ଡଙ୍କ ଦରମା ୨.୫ କୋଟି!

ବଲିଉଡର ବଡ-ବଡ ତାରକାମାନଙ୍କ ପାଖ ବଡିଗାର୍ଡ ଥାଆନ୍ତି । କାହିଁକି ନା ସେମାନେ ସେମାନଙ୍କର ବଡିଗାର୍ଡ ବିନା ବାହାରକୁ ଯାଇପାରନ୍ତି ନାହିଁ । ପାର୍ଟିରେ ଯୋଗଦେବା ପାଇଁ ହେଉ କିମ୍ବା ବିଦେଶ ଯାତ୍ରା କରିବା ପାଇଁ । ପ୍ରାୟତଃ ଗୁଜବ ଘୁରି ବୁଲୁଛି ଯେ ଏହି ସେଲିବ୍ରିଟିଙ୍କ ସୁରକ୍ଷା କର୍ମୀମାନେ କୋଟି କୋଟି ଟଙ୍କା ରୋଜଗାର କରନ୍ତି । ନିକଟରେ ଶାହରୁଖ ଖାନଙ୍କ ପୂର୍ବ ବଡିଗାର୍ଡ ପ୍ରକାଶ କରିଛନ୍ତି ଯେ ସୋସିଆଲ ମିଡିଆରେ ସେ ୨ କୋଟିରୁ ୨.୫ କୋଟି ଟଙ୍କା ରୋଜଗାର କରୁଥିବା ନେଇ ଜଳନାଜଳନା ଚାଲିଛି । ବର୍ତ୍ତମାନ, ୟାସିନ୍ ଖାନ ସ୍ପଷ୍ଟ କରିଛନ୍ତି ଯେ ବଡିଗାର୍ଡ ଓ ସିକ୍ୟୁରିଟିଗାର୍ଡମାନେ ପ୍ରକୃତରେ କେତେ ରୋଜଗାର କରନ୍ତି । ୟାସିନ୍ ଖାନ ଦାବି କରିଛନ୍ତି ଯେ କୌଣସି ବଡିଗାର୍ଡ ୨ କୋଟି କିମ୍ବା ୨.୫ କୋଟି ଟଙ୍କା ରୋଜଗାର କରନ୍ତି ନାହିଁ । ତାଙ୍କ ଦରମା କୋଟି କୋଟି ଟଙ୍କା ମଧ୍ୟ ନୁହେଁ ବରଂ ସମସ୍ତ ଦରମା ସ୍ଥିର । ପ୍ରତ୍ୟେକଙ୍କୁ ସେମାନଙ୍କ ଅଭିଜ୍ଞତା ସ୍ତର ଅନୁସାରେ ଦରମା ଦିଆଯାଏ । ଜଣେ ଅତ୍ୟନ୍ତ ଅଭିଜ୍ଞ ବଡିଗାର୍ଡ ପ୍ରତି ମାସରେ ପ୍ରାୟ ୧ ଲକ୍ଷ ରୋଜଗାର କରନ୍ତି । ୟାସିନ୍ ଖାନ ପ୍ରାୟ ଏକ ବଷଣ ଧରି ଶାହରୁଖ ଖାନଙ୍କ ପାଇଁ ଅଙ୍ଗରକ୍ଷୀ ଭାବରେ କାର୍ଯ୍ୟ କରୁଥିଲେ । ସେ ପ୍ରକାଶ କରିଥିଲେ ଯେ ଫିଲ୍ମ ସେଟରେ ଅଭିନେତାଙ୍କୁ ସୁରକ୍ଷା ଯୋଗାଇବା ପାଇଁ ସେ ଅତିରିକ୍ତ ପାରିଶ୍ରମିକ ପାଉଥିଲେ । ଥରେ, ସେ ଗୌରୀ ଖାନଙ୍କ ସହ କଥା ହୋଇ ଦୁଃଖାଇଥିଲେ ଯେ ବଡିଗାର୍ଡମାନେ ସାଧାରଣତଃ ଫିଲ୍ମ ସେଟରେ କାମ କରିବା ପାଇଁ ଅଧିକ ପାରିଶ୍ରମିକ ପାଉଥିଲେ । ଜବାବରେ, ଗୌରୀ ତାଙ୍କୁ ସେଟରେ ଶାହରୁଖଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ ପାରିଶ୍ରମିକ ଦେଇଥିଲେ । ୟାସିନ୍ ଖାନ, ଯିଏ ମହେନ୍ଦ୍ର ସିଂହ ଧୋନି, ବିରାଟ କୋହଲି ଏବଂ ସୁଦୀରାଜ ସିଂହ ସମେତ ଅନେକ ସେଲିବ୍ରିଟିଙ୍କ ପାଇଁ ବଡିଗାର୍ଡ ଭାବରେ କାର୍ଯ୍ୟ କରିଛନ୍ତି । ହେଲେ ବର୍ତ୍ତମାନ ସେ ନିଜର ସୁରକ୍ଷା ଫାର୍ମ ଚଳାଉଛନ୍ତି ।

ମାଆ ହେବା ପରେ ବଦଳି ଗଲାଣି କ୍ୟାଟ୍ରିନାଙ୍କ ଲୁକ୍

ବଲିଉଡ୍ ବାଡି ଡଲ୍ ଓଥ ସୁନ୍ଦରୀ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ । ବିବାହ ପରଠୁ ସେ ଲାଇମୁଇଟରୁ ଦୂରରେ ରହିଛନ୍ତି । ବର୍ତ୍ତମାନ ଏହି ଅଭିନେତ୍ରୀଙ୍କୁ ମାଆ ହେବା ପରେ କ୍ୟାମେରା ସାମ୍ନାରେ ମଧ୍ୟ ନଜର ଆସି ନାହାନ୍ତି । ହେଲେ ତାଙ୍କର ନିକଟରେ ଫଟୋ ପ୍ରଶଂସକମାନଙ୍କୁ ଆଶ୍ଚର୍ଯ୍ୟ କରିଛି । କ୍ୟାଟ୍ରିନାଙ୍କ ନୂଆ ଲୁକ୍ ଦେଖି ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ମାତୃତ୍ୱ ପରେ ତାଙ୍କ ଶରୀରରେ ପରିବର୍ତ୍ତନ ଏବେ ଇଣ୍ଟରନେଟରେଆଲୋଚନାର ବିଷୟ ପାଲଟିଛି । ହେଲେ ନିକଟରେ ଆଉ କିଛି ଫଟୋ ସାମ୍ନାକୁ ଆସିଛି । ଯାହାକୁ ଦେଖି କିଛି ସୋସିଆଲ ମିଡିଆ ଯୁଜର୍ସ କ୍ୟାଟ୍ରିନାଙ୍କ ନୂଆ ଲୁକ୍ ଉପରେ ନା ନା ପ୍ରଶ୍ନ ଉଠାଇଛନ୍ତି । ଏହା ସହ ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ହେଲେ କ୍ୟାଟ୍ରିନା ତାଙ୍କର ସାମାନ୍ୟ ଓଜନ ବୃଦ୍ଧିକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଦେଖାଯାଉଥିଲା, ତାଙ୍କର ସାମାଜିକ ଲୁକ୍ ଲୋକମାନଙ୍କୁ ଏତେ ପ୍ରଭାବିତ କରିଥିଲା ଯେ ସମସ୍ତେ ଏବେ ତାଙ୍କର ପ୍ରଶଂସା କରୁଛନ୍ତି । କ୍ୟାଟ୍ରିନା ସମ୍ପୂର୍ଣ୍ଣ ସୁନ୍ଦର ଦେଖାଯାଉଥିଲେ, ଏବଂ ପ୍ରଶଂସକମାନେ ତାଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି । ପୁଅ ବିହାନ୍ ଜନ୍ମ ହେବା ପରେ ପ୍ରଥମ ଥର ପାଇଁ କ୍ୟାଟ୍ରିନା କୈଫ୍ ଜଣେ ବନ୍ଧୁଙ୍କ ସହ ମୁମ୍ବାଇରେ ଦେଖିବାକୁ ମିଳିଥିଲା । କ୍ୟାଟ୍ରିନା ତାଙ୍କ ବନ୍ଧୁ ଏବଂ ଲେଖିକା ୟାସମିନ୍ କରାଟଙ୍କୁଲାଙ୍କ ସହିତ ବାହାରକୁ ଯାଇଥିଲେ । ହେଲେ, ସେ ତାଙ୍କ ମୁହଁରେ ଏକ ମାସ୍କ ପିନ୍ଧିଥିଲେ । ତାଙ୍କ କାରରେ ବସିଥିବା କ୍ୟାଟ୍ରିନା କୈଫ୍ ପାପାରାଜିଙ୍କୁ ଦେଖି ନମସ୍କାର କଲେ । ଏହା ସହ ସୁନ୍ଦର ଭାବରେ ହସିଥିଲେ । ଅଭିନେତ୍ରୀଙ୍କୁ 'ନୋ-ମେକଅପ୍' ଲୁକ୍ ଥିବାର ନଜର ଆସିଥିଲେ । ତାଙ୍କ ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏତେ ଦିନ ପରେ କ୍ୟାଟ୍ରିନାଙ୍କୁ ଦେଖି ପ୍ରଶଂସକମାନେ ଖୁସି ହୋଇଛନ୍ତି । ଅନେକ ଯୁଜର୍ସ ମନ୍ତବ୍ୟ ଦେଇଛନ୍ତି ଯେ ସେମାନେ ଅଭିନେତ୍ରୀଙ୍କୁ ମିସ୍ କରୁଛନ୍ତି । ଏହି ସମୟରେ, ଅନ୍ୟମାନେ ମନ୍ତବ୍ୟ ଦେଇଛନ୍ତି ଯେ 'ପିଲା ଜନ୍ମ ହେବା ପରେ ସମସ୍ତେ ବ୍ୟସ୍ତ ହୋଇଯାଆନ୍ତି ।

ହେପାଟାଇଟିସ୍ ଲିଭର ଓ ଫାଇବ୍ରୋସ୍କାନ୍

ଲିଭର ବା ଯକୃତ (କଲିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି । ପେଟଭିତର ମଧ୍ୟ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ । ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ । ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା । କଲିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର । ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ । ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ । ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ । ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ ।

ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ । ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ । ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ । ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ । କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ । ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ । ଏହା ଏକ ଅତ୍ୟଧିକ ସୁକ୍ଷ୍ମମାନର ଯନ୍ତ୍ର । ଅଲଟାସାଉଣ୍ଡର ଶକାକା (ପୋଚ୍) ପରି ଏହାର ମଧ୍ୟ ଏକ ଶକାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ । କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ । ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ । ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ ।

ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା କରୁରୀ । ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ । ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିବାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ । ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ୟାଶୟ, ପ୍ରୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ । ଯକୃତର କଟିଳତା ବ୍ୟତୀତ ଅନ୍ୟ କୌଣସି ଅଙ୍ଗକୁ ପରୀକ୍ଷା କରିବା ଏହି ଫାଇବ୍ରୋସ୍କାନରେ ସମ୍ଭବ ନୁହେଁ । ଏହି ଫାଇବ୍ରୋସ୍କାନିଂ ମାଧ୍ୟମରେ ଯକୃତର ତନ୍ତୁମୟତା ବା କଟିଳତା ଜଣା ପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ । ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ । ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି । ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ ।

ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ । ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ । ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ । ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ । ତେଣୁ ଯକୃତ ପରୀକ୍ଷା କରାଇ ନେବା କରୁରୀ । ଏହା ଯକୃତର କ୍ଷମତା ଜଣାଇଥାଏ । ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ । ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି । ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ । ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ । ହେପାଟାଇଟିସ୍ ବି ଟୀକା ନେଇ ହେପାଟାଇଟିସ୍ ବି. ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ । ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ।

ପ୍ରଫେସର ବାଲର ଇମେଶ ଚନ୍ଦ୍ର ପାତ୍ର
ଅବସର ପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ- ୯୪୩୭୦୫୧୯୫୭

ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୨୩ ମେ ୨୦୨୬

ସବୁଜ ବିକାଶ

ପ୍ରଗତି ବା ବିକାଶ ଓ ପରିବେଶ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ବରାବର ରହିଆସିଛି । ଶିଳ୍ପାୟନ, ପରିବହନ, ଗମନାଗମନ, ଯୋଗାଯୋଗ, ଭିତ୍ତିଭୂମିର ବିକାଶ ଏବଂ ପାରମ୍ପରିକ ଜୀବନଶୈଳୀରେ ଦ୍ରୁତ ପରିବର୍ତ୍ତନ ବିକାଶର ଗୋଟିଏ ଗୋଟିଏ ମାପକାଠି । ବିକାଶ ଏକ ନିରନ୍ତର ପ୍ରକ୍ରିୟା । କଥିତ ଅଛି, ସଭ୍ୟତାର ସୃଷ୍ଟି ଓ ବିକାଶ ଗୋଟିଏ ସମୟରୁ ହିଁ ଆରମ୍ଭ ହୋଇଛି । ବଣ, ଜଙ୍ଗଲରୁ ଫଳମୂଳ, ସଂଗ୍ରହ କରି ଓ କଞ୍ଚାମାଂସ ଭକ୍ଷଣ କରି ଜୀବନଧାରଣ କରୁଥିବା ଆଦିମାନବ ପାଇଁ ନିଆଁ ହିଁ ଥିଲା ପ୍ରଥମ ବୈଜ୍ଞାନିକ ଆବିଷ୍କାର । ନିଆଁ ବା ଅଗ୍ନି ବ୍ୟବହାର କରିବାର କଳାକୌଶଳ ଆୟତ୍ତ କରିବା ସହ ବିକାଶର ଅଙ୍କୁରୋଦଗମ ହୋଇଥିଲା । ଏବେବି ବିକାଶ ପ୍ରକ୍ରିୟା ଜାରି ରହିଛି । କିନ୍ତୁ ବିଗତ କିଛି ଦଶନ୍ଧି ଧରି ଲକ୍ଷ୍ୟ କରାଯାଉଛି କ୍ରମାଗତ ଭାବେ ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କର ପରିବର୍ତ୍ତିତ ଜୀବନଶୈଳୀ, ପୃଥିବୀରେ ଉପଲବ୍ଧ ପ୍ରାକୃତିକ ସମ୍ବଳ ଓ ତାର ପରିବେଶ ଉପରେ ଗଭୀର ଚାପ ସୃଷ୍ଟି କରୁଛି । ଏହା ପଛର ମୂଳ କାରଣ ହେଲା ଶକ୍ତି । ଶକ୍ତି ହିଁ ବିକାଶର ଚାବିକାଠି । ବିକାଶର ଅଭିବୃଦ୍ଧି ସହିତ ତାଳଦେଇ କ୍ରମାଗତ ଭାବେ ବୃଦ୍ଧିପାଉଛି ଶକ୍ତିର ଆବଶ୍ୟକତା । ଶକ୍ତି ଏକ ମୌଳିକ ଉପାଦାନ ଏବଂ ସମସ୍ତ ପ୍ରକାର ଉତ୍ପାଦକ ପ୍ରକ୍ରିୟାର ପ୍ରାଥମିକ ଉପଚାର । ସାର୍ବଜନୀନ ଭାବେ ଏକଥା ସ୍ୱୀକୃତ ହୋଇସାରିଛି ଯେ, ଶକ୍ତିର ସୁବିନିଯୋଗ ଫଳରେ ବିଶ୍ୱ ଦେଶ ତଥା ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ନିରନ୍ତର ମାନବ ସମ୍ବଳ ବିକାଶ ସମ୍ଭବ ହୋଇପାରିବ । ମନୁଷ୍ୟର ମସ୍ତିଷ୍କରେ ବୈଜ୍ଞାନିକ ଓ ବୈଷୟିକ ଜ୍ଞାନର ଯେଉଁ ଅଭିବୃଦ୍ଧି ଘଟିଲା ତାର ପରିପ୍ରକାଶ ହେଲା ବିକାଶର ପ୍ରଥମ ସୋପାନ କୃଷି ବିପ୍ଳବ । ଦ୍ୱିତୀୟ ସୋପାନ ଶିଳ୍ପବିପ୍ଳବ । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଶିଳ୍ପବିପ୍ଳବ ପରବର୍ତ୍ତୀ ପର୍ଯ୍ୟାୟରେ ଜୀବାଶ୍ମ ଇନ୍ଧନର ବ୍ୟବହାର କ୍ରମଶଃ ବଢ଼ିଚାଲିଲା । ବିଗତ ୨୦୧୩ ମସିହା ପରଠାରୁ ଆମେ ଦେଖିଆସୁଛେ ପ୍ରାଥମିକ ଶକ୍ତି ବ୍ୟବହାରରେ ଭାରତର ସ୍ଥାନ ବିଶ୍ୱରେ ତୃତୀୟ । ବର୍ଦ୍ଧିତ ଜନସଂଖ୍ୟା, ଦ୍ରୁତ ଶିଳ୍ପାୟନ ଏବଂ ବ୍ୟାପକ ଭିତ୍ତିଭୂମି ବିକାଶ ଏହାର ପ୍ରମୁଖ କାରଣ । ବର୍ଷକୁ ଆମ ଦେଶରେ ପ୍ରାୟ ୧୭୦,୦୦୦ ମେଗାୱାଟ ଶକ୍ତି ବିଭିନ୍ନ ସୂତ୍ରରୁ ଉତ୍ପାଦିତ ହୋଇଥାଏ । ତନ୍ମଧ୍ୟରୁ ଶତକଡ଼ା ୭୩ କେବଳ ଜୀବାଶ୍ମ ଇନ୍ଧନରୁ ମିଳିଥାଏ । କୋଇଲାରୁ ୪୨ଭାଗ ତାପଜ ଶକ୍ତି, ପେଟ୍ରୋଲ, ଡିଜେଲ ଆଦି ଇନ୍ଧନରୁ ୨୪ଭାଗ ଏବଂ ପ୍ରାକୃତିକ ବାଷ୍ପରୁ ମିଳୁଥିବା ୭ଭାଗ ଶକ୍ତି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଏହି ଶକ୍ତିର ସିଂହଭାଗ ପରିବହନ ଓ ଶିଳ୍ପାୟନ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ । ଉଭୟ ପରିବହନ ତଥା ଗମନାଗମନ ଓ ଶିଳ୍ପାୟନ ପ୍ରଗତିର ପ୍ରତୀକ । କିନ୍ତୁ ଏହି ଦୁଇ କ୍ଷେତ୍ରରୁ ବାୟୁମଣ୍ଡଳକୁ ସବୁଜ କୋଠରି ବାଷ୍ପର ଉତ୍ସର୍ଜନ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ସବୁଜ କୋଠରି ବାଷ୍ପର ମୁଖ୍ୟ ଖଳନାୟକ ହେଉଛି ଅଙ୍ଗାରକାମ୍ଳ ବାଷ୍ପ, ଯାହାର ୮୦ଭାଗ ଜୀବାଶ୍ମ ଦହନରୁ ଏବଂ ଅବଶିଷ୍ଟ ୨୦ଭାଗ ଜଙ୍ଗଲ ଅବକ୍ଷୟରୁ ଆସିଥାଏ । କୃଷି, ଶିଳ୍ପ ଏବଂ ପରିବହନକୁ ଆଧାର କରି ମନୁଷ୍ୟ ଜାତି ଯେବେ ବିକାଶର ପାହାଚ ଚଢ଼ିବାକୁ ଆରମ୍ଭ କଲା, ତା'ର ପ୍ରତିଟି ପଦକ୍ଷେପ ପରିବେଶ ଓ ପାରିପାର୍ଶ୍ୱିକ ବାତାବରଣକୁ ଅସନ୍ତୁଳିତ କଲା । ପରିବେଶର ଦ୍ରୁତ ଅବନତି ଘଟିଲା, ଅସ୍ଥିରତା ସୃଷ୍ଟିହେଲା । ଏହି ପୃଷ୍ଠଭୂମିରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିବ- ପରିବେଶର ସୁରକ୍ଷା ବା ସନ୍ତୁଳନ କ'ଣ ପରିବେଶର ସ୍ଥାଣୁତ୍ୱ । ଉତର ଯଦି ହଁ ହୁଏ, ତେବେ ପରିବେଶ ଓ ବିକାଶ ମଧ୍ୟରେ ଅନ୍ତଦ୍ୱନ୍ଦ୍ୱ ଦେଖାଦେବା ସ୍ୱାଭାବିକ । କିନ୍ତୁ ସାଂପ୍ରତିକ ପରିସ୍ଥିତିରେ ନା ଆମେ ବିକାଶକୁ ଛାଡ଼ିପାରିବା, ନା ପରିବେଶକୁ ଜଳାଞ୍ଜଳି ଦେଇପାରିବା । ପରିବେଶ ଓ ପ୍ରଗତି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱର୍ । ଉଭୟ ପରସ୍ପରକୁ ବିରୋଧାଭାଷ ନକରି ବରଂ ପରିପୂରକ ହେବା ଆବଶ୍ୟକ । ସୁପରିଚାଳନା ଓ ସୁସମନ୍ୱୟ ଫଳରେ ପରିବେଶର ସୁରକ୍ଷା ତଥା ସଂରକ୍ଷଣ ସାଙ୍ଗକୁ ସହନୀୟ ବା ନିରନ୍ତର ପ୍ରଗତି ହାସଲ ହୋଇପାରିଲେ ଯେକୌଣସି ଦେଶ ବା ରାଜ୍ୟର ପୂର୍ଣ୍ଣାଙ୍ଗ ବିକାଶ ଘଟିପାରିବ । ବିକାଶ ହେଉ, ବିକାଶ ହେବା ମଧ୍ୟ ଜରୁରି । କିନ୍ତୁ ତାହା ପରିବେଶକୁ ଧ୍ୱଂସ କରି ନହେଉ । ବିକାଶ ପେକ୍ଷାପଟ୍ଟରେ ଅସନ୍ତୁଳିତ ପରିବେଶର ନକାରାତ୍ମକ ପ୍ରଭାବକୁ ହ୍ରାସ କରିବାକୁ ହେଲେ ଆମକୁ ସବୁଜ ଅଭିଯାନରେ ସାମିଲ ହେବାକୁ ହେବ । ସେଥିପାଇଁ ଏବେ ଗ୍ରହଣ କରାଯାଉଥିବା ଯୋଜନାକୁ 'ସବୁଜ ଯୋଜନା'ରେ ରୂପାନ୍ତରିତ କରିବାର ପ୍ରୟାସ ଚାଲିଛି । ସବୁଜ ଅଟ୍ଟାଳିକା, ସବୁଜ ଭିତ୍ତିଭୂମି, ସବୁଜ ଶକ୍ତି, ସବୁଜ ଶିଳ୍ପ, ସବୁଜ ଅର୍ଥନୀତି, ସବୁଜ ପରିବହନ, ସବୁଜ ଉଦ୍ଯାନ, ସବୁଜ ପର୍ଯ୍ୟଟନ ଇତ୍ୟାଦି । ଏହି ପୃଷ୍ଠଭୂମିରେ ଦେଶରେ ଯେଉଁ ସବୁଜ ବିକାଶର ପରିକଳ୍ପନା କରାଯାଉଛି, ତାହାର ମୁଖ୍ୟ ଆଧାର ହେଉଛି ନବୀକରଣୀୟ ଶକ୍ତି ଉତ୍ପାଦନ ବୃଦ୍ଧି ଏବଂ ଜୀବାଶ୍ମ ଇନ୍ଧନ ବ୍ୟବହାର ହ୍ରାସ । ନବୀକରଣୀୟ ଶକ୍ତିର ଉତ୍ପାଦନ ତଥା ପ୍ରାବଧାନ ବୃଦ୍ଧି ଦିଗରେ ଭାରତ ଦୃଢ଼ଭାବେ ସମର୍ପିତ । ଏହି ଶକ୍ତିର ଅର୍ଦ୍ଧାଧିକ ସୌରଶକ୍ତିରୁ ଆସିବ । ଦେଖିବାକୁ ଗଲେ, ୨୦୧୪ ମସିହା ପରଠାରୁ ପ୍ରତିବର୍ଷ ଆମ ଦେଶର ବଜେଟରେ ନବୀକରଣୀୟ ଶକ୍ତି ବା ସବୁଜ ଶକ୍ତି ଉତ୍ପାଦନ ବୃଦ୍ଧି ନିମନ୍ତେ ପ୍ରାବଧାନ ରଖାଯାଉଛି । ୨୦୨୫ ମସିହାରେ ପ୍ୟାରିସ ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଜଳବାୟୁ ସମ୍ମିଳନୀ କପ୍-୨୧ରେ, ଭାରତ ଓ ଫ୍ରାନ୍ସ ମିଳିତ ଭାବେ ଯେଉଁ ଆନ୍ତର୍ଜାତିକ ସୌର ସଂଗୋଷ୍ଠୀର ମୂଳଦୁଆ ପକାଇଥିଲେ, ସେଥିରେ ଏବେ ୧୨୦ଟି ରାଷ୍ଟ୍ର ଅଂଶୀଦାର ଅଛନ୍ତି । ପୁନଶ୍ଚ ୨୦୨୧ ନଭେମ୍ବର ମାସରେ 'ଗ୍ଲାସଗୋ'ଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଜଳବାୟୁ ସମ୍ମିଳନୀରେ ଭାରତ ଆହ୍ୱାନ ଦେଇଥିଲା 'ଗୋଟିଏ ସୂର୍ଯ୍ୟ, ଗୋଟିଏ ପୃଥିବୀ ଏବଂ ଗୋଟିଏ ଗ୍ରୀଡ' । ବିଷୁବକ୍ରାନ୍ତି ଓ କର୍କଟକ୍ରାନ୍ତି ମଧ୍ୟରେ ଅବସ୍ଥିତ ଆମ ଦେଶକୁ ବର୍ଷରେ ୩୦୦ଟି ଖରାଦିଆ ଦିନ ମିଳିଥାଏ । ଦେଶର ପ୍ରାୟ ୨୦,୦୦୦ ମେଗାୱାଟ ସୌରଶକ୍ତି ଉତ୍ପାଦନର କ୍ଷମତା ରହିଛି । ସେହିପରି ପବନ ଶକ୍ତିର କ୍ଷମତା ମଧ୍ୟ ୪୦,୦୦୦ ମେଗାୱାଟ, ବିଶ୍ୱରେ ଭାରତ ନବୀକରଣୀୟ ଶକ୍ତି କେନ୍ଦ୍ର ପ୍ରତିଷ୍ଠାରେ ଚତୁର୍ଥ ସ୍ଥାନରେ ଅଛି । ସୌରଶକ୍ତି ଉତ୍ପାଦନ ଓ ପବନ ଶକ୍ତି ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଆମ ଦେଶର ସ୍ଥାନ ବିଶ୍ୱରେ ଚତୁର୍ଥ । କିନ୍ତୁ ବିଶେଷକରି ପବନ ଶକ୍ତି ଓ ସୌରଶକ୍ତି ଉତ୍ପାଦନ କ୍ଷେତ୍ରରେ ଆମର ଦକ୍ଷତା ବଢ଼ାଇବାକୁ ପଡ଼ିବ । ଚଳିତ ବର୍ଷ ସୁଦ୍ଧା, ଭାରତ ଅଣଜୀବାଶ୍ମ ଇନ୍ଧନ ବ୍ୟବହାର କରି ବିଜୁଳି ଶକ୍ତି ଉତ୍ପାଦନ ହ୍ରାସର ୫୦ ପ୍ରତିଶତ ଲକ୍ଷ୍ୟ, ଯାହା ୨୦୩୦ ସୁଦ୍ଧା ହାସଲ କରିବାର ଥିଲା, ତାହା ୫ବର୍ଷ ପୂର୍ବରୁ ହାସଲ କରିସାରିଛି । ୨୦୭୦ ମସିହା ସୁଦ୍ଧା ଆମେ ଶୂନ୍ୟ କାର୍ବନ ଉତ୍ସର୍ଜନ ଲକ୍ଷ୍ୟ ରଖିଛୁ ।

ବ୍ୟତିକ୍ରମ ବ୍ୟାଖ୍ୟାନ

ଭାରତୀୟ ଉଚ୍ଚ ଅଦାଲତଗୁଡ଼ିକରେ ଅନେକ ଅତ୍ୟନ୍ତ ଉତ୍କୃଷ୍ଟ ବିଚାରପତି ନିର୍ଭୀକ, ନିଷ୍ପକ୍ଷ ଓ ଉଦାହରଣୀୟ ରାୟ ପ୍ରଦାନ କରିବାରେ ଲାଗିଛନ୍ତି। କିନ୍ତୁ ମୁଷ୍ଟିମେୟ କେତେକ ବ୍ୟତିକ୍ରମ ହେତୁ ସମଗ୍ର ନ୍ୟାୟପାଳିକା ସନ୍ଦେହାସ୍ପଦ ହୋଇଉଠୁଛି। ପୁଣି, ଏତିକି ବେଳେ ଯଶୋବନ୍ତ ବର୍ମାଙ୍କ ଭଳି ବିଚାରପତିଙ୍କ ବାସଭବନରୁ ବିପୁଳ ପରିମାଣର ନଗଦ ଟଙ୍କାର ଉଦ୍ଧାର ଏଭଳି ସନ୍ଦେହକୁ ଅଧିକ ଦୃଢ଼ମୂଳ କରୁଛି। ଗଲା ୨୦୧୭ ମସିହାରେ ସମଗ୍ର ଦେଶକୁ ଆଲୋଡ଼ିତ ଓ ରୁଷ୍ଟ କରିଥିବା ଉନ୍ନାଓ ନାବାଳିକା ବଳାତ୍କାର ମାମଲାର ବିଚାର ସମାପ୍ତ ହୋଇ ଦୋଷୀ ଦଣ୍ଡ ଭୋଗ କରୁଥିଲେ ହେଁ ଗଲା ବୁଧବାର ଦିନ ଦିଲ୍ଲୀ ଉଚ୍ଚ ଅଦାଲତଙ୍କ ଏ ଘଟଣା ସଂପର୍କିତ ଏକ ନିଷ୍ପତି ପରେ ପୁନର୍ବାର ଉଦ୍‌ବେଗ ଓ ଉତେଜନା ସୃଷ୍ଟି ହୋଇଛି, ଯହିଁରେ ନ୍ୟାୟପାଳିକାଙ୍କ ବିବେଚନାବୋଧ, ଏପରିକି ନିଷ୍ପକ୍ଷତା ସନ୍ଦେହାପନ୍ନ ହୋଇ ଉଠିଛି। ସ୍ମରଣଯୋଗ୍ୟ ଯେ ଶଂସିତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଉନ୍ନାଓର ତତ୍କାଳୀନ ବିଜେପି ବିଧାୟକ କୁଳଦୀପ ସିଂହ ସେଙ୍ଗରଙ୍କୁ 'ପୋକ୍‌ସୋ' ଆଇନ ଅନୁସାରେ ୨୦ ବର୍ଷ ସକାଶେ ଜେଲ ଦଣ୍ଡାଦେଶ ହୋଇଥିଲେ ହେଁ କାରାବରଣର ସାତ ବର୍ଷ ଅତିକ୍ରମ କରୁ ନ କରୁଣୁ ତାଙ୍କ ଦ୍ୱାରା ଆଗତ ଏକ ଆବେଦନର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟର ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ଦଣ୍ଡରେ ବିରାମ ଘଟାଯିବା ସହିତ ସେଙ୍ଗରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଛି; ଯେଉଁ ସ୍ଥିତିରେ ଆଇନ ବିଶେଷଜ୍ଞମାନେ ଅନୁମାନ କରିଥାଆନ୍ତି ଯେ ଏହା ସହିତ ସେଙ୍ଗରଙ୍କ ସ୍ଥାୟୀ ମୁକ୍ତିର ପଥ ଅନ୍ତତଃ ପରିଷ୍କାର ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ 'ପୋକ୍‌ସୋ' ଆଇନରେ ଥିବା ଗୋଟିଏ ଧାରାକୁ ଭିନ୍ନ ରୂପେ ସଂଜ୍ଞାୟନ କରି ଖଣ୍ଡପୀଠ ଦଣ୍ଡକୁ କୋହଳ କରିଛନ୍ତି। କିନ୍ତୁ ଏଭଳି ସ୍ଥିତିରେ ଉନ୍ନାଓ ପରି ଏକ ଅତ୍ୟନ୍ତ ସ୍ପର୍ଶକାତର ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ମିଳିବାରେ ବିଫଳତା ଯେତିକି ଚିନ୍ତା ଉଦ୍ରେକ କରିଥାଏ, ତା' ଠାରୁ ଅଧିକ ଉଦ୍‌ବେଗର କାରଣ ହୋଇଥାଏ ଉଚ୍ଚ ଅଦାଲତଗୁଡ଼ିକ ଦ୍ୱାରା ବିଭିନ୍ନ ବିଷୟ ପୁନଃ ସଂଜ୍ଞାୟିତ ହେଉଥିବା ବେଳେ ବିବେଚନାବୋଧର ଅଭାବରୁ ସୃଷ୍ଟ ବିବାଦ ଓ ବିପଦ; ଯେଉଁ ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ। ପ୍ରକାଶ ଥାଉ କି ଜାତିସଂଘର ଏକ ଆନ୍ତର୍ଜାତିକ ସନନ୍ଦରେ ଭାରତର ସ୍ୱାକ୍ଷର ସହିତ ଦେଶରେ 'ପୋକସୋ' (ପ୍ରଟେକ୍‌ସନ ଅଫ ଚାଇଲ୍‌ଡ ଫ୍ରମ ସେକ୍‌ସୁଆଲ ଅଫେନ୍‌ସେସ୍) ଆଇନ କାର୍ଯ୍ୟକାରୀ ହୋଇଛି, ଯାହାର ଉଦ୍ଦେଶ୍ୟ କଠୋର ଦଣ୍ଡର ପ୍ରାବଧାନ ମାଧ୍ୟମରେ ଉଭୟ ଲିଙ୍ଗର ଶିଶୁ ଓ ନାବାଳକଙ୍କୁ ଯୌନ-ବିକୃତିଗ୍ରସ୍ତମାନଙ୍କ ପ୍ରାଦୁର୍ଭାବରୁ ସୁରକ୍ଷା ଦେବା। ଏହି ଆଇନର ଧାରା ୫ ଅନୁସାରେ ଦୋଷୀ ସାବ୍ୟସ୍ତ କୌଣସି ସାଧାରଣ ବ୍ୟକ୍ତିଙ୍କ ସକାଶେ ସର୍ବନିମ୍ନ ୭ ବର୍ଷର କାରାଦଣ୍ଡର ପ୍ରାବଧାନ ଥିବା ବେଳେ 'ପବ୍ଲିକ ଅଥରିଟି' ବା 'ଜନସାଧାରଣଙ୍କ ଉପରେ କର୍ତ୍ତୃତ୍ୱ ବିସ୍ତାର କରିବାର କ୍ଷମତାଧାରୀ' ଉତ୍ପୀଡ଼କମାନଙ୍କ କ୍ଷେତ୍ରରେ କାରାବାସ ଅବଧି ସର୍ବନିମ୍ନ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ହୋଇପାରେ। ଉନ୍ନାଓ ମାମଲାରେ, ୨୦୧୯ ମସିହାରେ, ଦିଲ୍ଲୀର ଏକ ଅଦାଲତଙ୍କ ଦ୍ୱାରା ସେଙ୍ଗର ୨୦ ବର୍ଷ ସକାଶେ ଜେଲ ଦଣ୍ଡାଦେଶ ପାଇଥିଲେ। କିନ୍ତୁ, କାରାଦଣ୍ଡର ୭ ବର୍ଷ ପୂରଣ ହେବା ପରେ ଧୂର୍ତ୍ତ ବୁଦ୍ଧିର ପ୍ରୟୋଗ ଦେଇ ସେଙ୍ଗର ଯେଉଁ ଅଦାଲତୀ ଆବେଦନ କରିଥିଲେ, ତହିଁରେ ଜଣେ ବିଧାୟକ 'ସରକାରୀ କ୍ଷମତାଧାରୀ' ପଦବାଚ୍ୟ ନୁହେଁ ବୋଲି ଯୁକ୍ତି କରାଯାଇଛି, ଯାହାକୁ ହିଁ ଉଚ୍ଚ ଅଦାଲତ ସମର୍ଥନ ଜଣାଇ ଦଣ୍ଡାଦେଶରେ ବିରାମ ଘଟାଇଛନ୍ତି। ଏ ସଂଦର୍ଭରେ ପ୍ରଶ୍ନ ଉଠିଥାଏ ଯେ ଅଦାଲତଙ୍କ ବିବେଚନା ଅନୁସାରେ କେବଳ କ୍ଷମତାପ୍ରାପ୍ତ ସରକାରୀ ଅଧିକାରୀମାନେ କ'ଣ 'ପବ୍ଲିକ ଅଥରିଟି' ପର୍ଯ୍ୟାୟଭୁକ୍ତ ? ଜନ ପ୍ରତିନିଧିମାନେ 'ପବ୍ଲିକ ଅଥରିଟି' ସଂଜ୍ଞାଭୁକ୍ତ ନୁହନ୍ତି ? ଏହା ହିଁ ବିବାଦର ମଞ୍ଜି, କାରଣ ଆମ ଦେଶରେ ନିର୍ବାଚିତ ଜନ ପ୍ରତିନିଧିମାନେ ଯେ କିଭଳି ଅମିତ କ୍ଷମତାଶାଳୀ ହୁଅନ୍ତି, ତାହା ବୁଝାଇ କହିବାର ଆବଶ୍ୟକତା ନାହିଁ। ପୁଣି ସେଙ୍ଗର ଥିଲେ ରାଜ୍ୟରେ କ୍ଷମତାସୀନ ଦଳର ବିଧାୟକ ! କେବଳ ସେତିକି ନୁହେଁ, ବିଧାୟକମାନଙ୍କ ବେତନ, ଭତ୍ତା, ସୁବିଧା-ସୁଯୋଗ ଓ ସଂପୃକ୍ତି ଆଦି ସବୁ କିଛି ସରକାର ଓ ସରକାରୀ ବ୍ୟବସ୍ଥା ସହିତ ସଂଯୁକ୍ତ ! ଏଠାରେ ପ୍ରକାଶଯୋଗ୍ୟ ଯେ ୨୦୧୬ ମସିହାରେ, ସି.ବି.ଆଇ. ବନାମ ରମେଶ ଗେଲି ମାମଲାରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ ଜନ ସାଧାରଣଙ୍କ ସହିତ କାରବାର କରୁଥିବା ଘରୋଇ ବ୍ୟାଙ୍କର ଅଧିକାରୀମାନେ ମଧ୍ୟ 'ପବ୍ଲିକ ସର୍ଭାଂଟ' ଏବଂ ସେ ଦୃଷ୍ଟିରୁ ନିଜ କାର୍ଯ୍ୟ ସକାଶେ ବିଶେଷ ଭାବେ ଉତ୍ତରଦାୟୀ। ତେଣୁ, 'ପବ୍ଲିକ ଅଥରିଟି' ଭଳି ଏକ ଅଭିବ୍ୟକ୍ତିକୁ ଭିନ୍ନ ରୂପେ ପରିଭାଷିତ କରି 'ପୋକସୋ' ମାମଲାରେ ଦୋଷୀର ଦଣ୍ଡକୁ କୋହଳ କରାଯିବା ବିବାଦ ସୃଷ୍ଟି କରିବା ସ୍ୱାଭାବିକ। ତେବେ, ପ୍ରସଙ୍ଗ କ୍ରମେ ଉନ୍ନାଓ ପୀଡ଼ିତାଙ୍କ ଦୀର୍ଘ ଯନ୍ତ୍ରଣା ଓ ଅପୂର୍ବ ସାହସର କଥା ଅତି ସଂକ୍ଷେପରେ ବର୍ଣ୍ଣନା କରାଯିବା ଆବଶ୍ୟକ, ଯହିଁରୁ ସେଙ୍ଗରଙ୍କ ଅମିତ କ୍ଷମତାର ଝଲକଟିଏ ମିଳିବ। ୨୦୧୮ ମସିହାରେ ବ୍ୟାପକ ଜନ ପ୍ରତିବାଦ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ପୀଡ଼ିତାଙ୍କ ଆତ୍ମଦାହର ଉଦ୍ୟମ ପରେ ଥାନାରେ ସେଙ୍ଗରଙ୍କ ନାମରେ ଅଭିଯୋଗ ଦାଖଲ ହୋଇଥିଲା। ଏହି ସମୟ ଖଣ୍ଡରେ ପୀଡ଼ିତାଙ୍କ ପିତାଙ୍କୁ ମିଥ୍ୟା ଆରୋପରେ ଗିରଫ କରାଯାଇ ହାଜତରେ ପିଟିପିଟି ହତ୍ୟା କରାଯାଇଥିଲା। ବିଚାର ଚାଲିଥିବା ବେଳେ ଏକ ଟ୍ରକ୍ ଦୁର୍ଘଟଣାରେ ପୀଡ଼ିତାଙ୍କ ଦୁଇ ସଂପର୍କୀୟ ଓ ଓକିଲ ନିହତ ହୋଇଥିଲେ ଏବଂ ଗୁରୁତର ରୂପେ ଆହତ ପୀଡ଼ିତା କୌଣସମତେ ବର୍ତ୍ତି ଯାଇଥିଲେ; ଯେଉଁ ଦୁର୍ଘଟଣା ପଛରେ ସେଙ୍ଗରଙ୍କ ଷଡ଼୍‌ଯନ୍ତ୍ର ଥିଲା ବୋଲି ସି.ବି.ଆଇ. ପକ୍ଷରୁ ଏକ ମାମଲା ମଧ୍ୟ ଦାଖଲ କରାଯାଇଥିଲା, ଯାହା ସଂପ୍ରତି ବିଚାରାଧୀନ ଅଛି। ସେଙ୍ଗରଙ୍କ ପ୍ରଭାବରୁ ଦୂରେଇ ରଖିବା ଲାଗି ମାନ୍ୟବର ସୁପ୍ରିମ କୋର୍ଟଙ୍କ ଆଦେଶାନୁସାରେ ମାମଲାକୁ ଦିଲ୍ଲୀକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠି ବିଚାର ହୋଇ ସେଙ୍ଗରଙ୍କୁ ଦଣ୍ଡିତ କରାଯାଇଥିଲା। ତେବେ, ସେ ଯାହା ହେଉ, ଦିଲ୍ଲୀ ଉଚ୍ଚ ଅଦାଲତର ସଦ୍ୟତମ ବ୍ୟାଖ୍ୟା ଓ ନିଷ୍ପତି ଅନୁସାରେ ସେଙ୍ଗର ହେଉଛନ୍ତି ଜଣେ ନିଷ୍ପ୍ରଭାବୀ ସାଧାରଣ ବ୍ୟକ୍ତି ! ଅଥଚ, ଅନେକ ଆଇନ ବିଶେଷଜ୍ଞଙ୍କ ମତରେ ଏଭଳି ନିଷ୍ପତି ମଧ୍ୟ ହୋଇପାରେ ସେଙ୍ଗରଙ୍କ ଅମିତ ପ୍ରଭବର ଫଳଶ୍ରୁତି ! 'ପୋକ୍‌ସୋ' ଭଳି ଅତ୍ୟନ୍ତ ସ୍ପର୍ଶକାତର ସଂଦର୍ଭରେ ଭାରତୀୟ ଉଚ୍ଚ ଅଦାଲତଗୁଡ଼ିକର ତର୍ଜମା ଓ ବ୍ୟାଖ୍ୟାନ ବିଭିନ୍ନ ସମୟରେ ତୀବ୍ର ବିବାଦୀୟ, ସାଧାରଣଜ୍ଞାନ ଶୂନ୍ୟ ଓ ସଂବେଦନାହୀନ ହୋଇଛି। ୨୦୨୧ ମସିହାରେ ଦେଶର ସର୍ବୋଚ୍ଚ ଅଦାଲତରେ ଜଣେ 'ପୋକ୍‌ସୋ' ଅଭିଯୁକ୍ତ ପ୍ରତି ତତ୍କାଳୀନ ମୁଖ୍ୟ ବିଚାରପତି ଏସ. ଏ. ବୋବଡ଼େଙ୍କ ପ୍ରଶ୍ନ ଥିଲା ଯେ ପୀଡ଼ିତାଙ୍କୁ ବିବାହ କରି ସେ ତାଙ୍କ ଦଣ୍ଡ କୋହଳ କରିବାକୁ ଚାହାନ୍ତି କି ? ଉଲ୍ଲେଖଯୋଗ୍ୟ ଯେ ଆଲହାବାଦରୁ ନେଇ ଦିଲ୍ଲୀ, ମୁମ୍ବାଇ ଓ କର୍ଣ୍ଣାଟକ ପର୍ଯ୍ୟନ୍ତ ଅନେକ ରାଜ୍ୟର ଉଚ୍ଚ ଅଦାଲତଗୁଡ଼ିକରେ 'ପୋକ୍‌ସୋ' ପୀଡ଼ିତାଙ୍କୁ ବଳାତ୍କାରୀ ସହିତ ବିବାହ କରିବାର ପରାମର୍ଶ ଦିଆଯାଇଛି। କର୍ଣ୍ଣାଟକ ଉଚ୍ଚ ଅଦାଲତରେ ଜଣେ ଅଭିଯୁକ୍ତକୁ ଖଲାସ କରି ଦିଆଯିବା ପଛରେ କାରଣଟି ଥିଲା ହାସ୍ୟାସ୍ପଦ; ଅର୍ଥାତ୍ ଉଦ୍ଦେଶ୍ୟ କୁଆଡ଼େ ସେହି ବଳାତ୍କାର ହେତୁ ଗର୍ଭବତୀ ହୋଇ ପଡ଼ିଥିବା ନାବାଳିକାଙ୍କୁ ଲୋକଲଜ୍ଜାରୁ ରକ୍ଷା କରିବା। ୨୦୨୧ ମସିହରେ ମୁମ୍ବାଇ ହାଇକୋର୍ଟର ବିଚାରପତି ପୁଷ୍ପା ଗଣେଦିୱାଲେ ଏକ 'ପୋକ୍‌ସୋ' ମାମଲାର ଶୁଣାଣି କରି କହିଥିଲେ ଯେ ପୀଡ଼ିତା ପୋଷାକ ପିନ୍ଧିଥିବାରୁ ତାଙ୍କ ସମ୍ବେଦନଶୀଳ ଅଙ୍ଗ ଉପରେ ଆପତିଜନକ ହସ୍ତ ସଂଚାଳନ କରାଯିବା ସତ୍ତ୍ୱେ ତାହା 'ପୋକ୍‌ସୋ' ଦଣ୍ଡବିଧି ପରିସରଭୁକ୍ତ ହେବ ନାହିଁ: ସେ ସ୍ପଷ୍ଟ କରିଥିଲେ ଯେ ଚର୍ମ ସ୍ପର୍ଶ ନ କଲା ପର୍ଯ୍ୟନ୍ତ ତାହା ମାମୁଲି ଅସଦାଚରଣ ରୂପେ ପରିଗଣିତ ହେବ। ଏଭଳି ଅନେକ ଉଦାହରଣ ବିଦ୍ୟମାନ, ଯାହା ପ୍ରକାରାନ୍ତରେ ଅପରାଧୀଙ୍କ ଲାଗି ଶୋଷଣ କରିବାର ପରିସରକୁ ପ୍ରଶସ୍ତ କରିଛି। ତେବେ, ସାନ୍ତ୍ୱନାଟି ହେଲା ଲୋକକ୍ଷେତ୍ର ଓ ଗଣମାଧ୍ୟମରେ ବିପୁଳ ପ୍ରତିବାଦ ପ୍ରକଟିତ ହୋଇ ମାନ୍ୟବର ସୁପ୍ରିମ କୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ବାଧ କରିଛି। ଏ ସଂଦର୍ଭରେ ଏକ ସୁଫି ଗଳ୍ପର ବିବାଦୀୟ ବିଚାରପତି ଚରିତ୍ରରେ ଅବତୀର୍ଣ୍ଣ ମୁଲ୍ଲା ନସିରୁଦ୍ଦିନ ସ୍ମରଣକୁ ଆସନ୍ତି। ଗଳ୍ପଟି ଅନୁସାରେ ନସିରୁଦ୍ଦିନଙ୍କ ଜଣେ ମିତ୍ର ଦ୍ୱାରା ସଂଘଟିତ ଅପରାଧର ଜଣେ ପ୍ରତ୍ୟକ୍ଷଦର୍ଶୀର ସାକ୍ଷ୍ୟକୁ ସେ ଏହା କହି ଖାରଜ କରି ଦେଇଥିଲେ ଯେ ଅପରାଧକୁ ଦେଖିଥିବା ଅଙ୍ଗ ଅର୍ଥାତ୍ ତୁମ ଆଖି କଥା କହିପାରେ ନାହିଁ ଏବଂ ସାକ୍ଷ୍ୟ ଦେଉଥିବା ଅଙ୍ଗ ଅର୍ଥାତ୍ ତୁମ ମୁହଁ ସ୍ୱୟଂ ଦେଖିପାରେ ନାହିଁ। ତେଣୁ ତୁମେ ଏଠାରୁ ଭାଗ। ଏହା ଏକ ଚଟୁଳ ଉପାଖ୍ୟାନ ସତ, କିନ୍ତୁ ଏଥିରେ ନିହିତ ସନ୍ଦେଶଟି ଭାବଗର୍ଭକ; ଯାହା କହିଥାଏ ଯେ କେଉଁଣସି ପକ୍ଷଭୁକ୍ତ ବିଚାରକ ନିଜ ବିବେଚନାବୋଧକୁ ଉଦ୍ଭଟତାର ଶୀର୍ଷକୁ ଘେନିଯାଇପାରେ ! ଅବଶ୍ୟ, ଭାରତୀୟ ଉଚ୍ଚ ଅଦାଲତଗୁଡ଼ିକରେ ଅନେକ ଅତ୍ୟନ୍ତ ଉତ୍କୃଷ୍ଟ ବିଚାରପତି ନିର୍ଭୀକ, ନିଷ୍ପକ୍ଷ ଓ ଉଦାହରଣୀୟ ରାୟ ପ୍ରଦାନ କରିବାରେ ଲାଗିଛନ୍ତି। କିନ୍ତୁ ମୁଷ୍ଟିମେୟ କେତେକ ବ୍ୟତିକ୍ରମ ହେତୁ ସମଗ୍ର ନ୍ୟାୟପାଳିକା ସନ୍ଦେହାସ୍ପଦ ହୋଇଉଠୁଛି। ପୁଣି, ଏତିକି ବେଳେ ଯଶୋବନ୍ତ ବର୍ମାଙ୍କ ଭଳି ବିଚାରପତିଙ୍କ ବାସଭବନରୁ ବିପୁଳ ପରିମାଣର ନଗଦ ଟଙ୍କାର ଉଦ୍ଧାର ଏଭଳି ସନ୍ଦେହକୁ ଅଧିକ ଦୃଢ଼ମୂଳ କରୁଛି। ଏଭଳି ସ୍ଥଳେ ଉଚ୍ଚ ଅଦାଲତଗୁଡ଼ିକ ବିଶ୍ୱାସଭାଜନ ହେବାକୁ ପ୍ରଯତ୍ନ କରିବା ଏକାନ୍ତ ଜରୁରି, ଯେଉଁଥି ଲାଗି ବିବାଦୀୟ ବ୍ୟାଖ୍ୟାନରୁ ଦୂରେଇ ରହିବା ଆବଶ୍ୟକ। ଏବଂ ଅଦାଲତୀ ବ୍ୟାଖ୍ୟାନଗୁଡ଼ିକ 'ଅର୍ଥକୁ ମୋଡ଼ି ଦେଉଥିବା ଭଳି ବିଶେଷ ଜ୍ଞାନ'ର ଉପଯୋଗ ନ କରି ସାଧାରଣ ଜ୍ଞାନର ଆଶ୍ରୟ ନେବା ଉଚିତ, ଯାହାକୁ ବିଖ୍ୟାତ ଲେଖକ ଫ୍ରିଜଫ କାପ୍ରା ଅସାଧାରଣ ପ୍ରଜ୍ଞା ବୋଲି କହିଥାଆନ୍ତି।

'ନିଟ୍' ବଜ୍ରପାତ

ପରୀକ୍ଷା ବାତିଲ ହେବା ଶୁଣି ଗୋଆର ମୋରଗାଓ ଠାରେ ଅତ୍ୟନ୍ତ ମ୍ରିୟମାଣ ଜଣେ ସତର ବର୍ଷ ବୟସ୍କ ତରୁଣ ଆତ୍ମହତ୍ୟା କରି ଦେଇଛନ୍ତି। ପିତାଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ପତ୍ରରେ ସେ ଲେଖିଛନ୍ତି ଯେ ସେ ଆଉ ଥରେ ପରୀକ୍ଷା ଦେବାକୁ ଚାହାନ୍ତି ନାହିଁ। ଏହି ଲେଖାରୁ ବାରି ହୋଇଯାଏ ଯେ ପରୀକ୍ଷାର ଚାପ ଓ ପ୍ରସ୍ତୁତି ପାଇଁ ଲୋଡ଼ା ଅଭ୍ୟାସର ନିର୍ମମତା କିଭଳି ଅସଂଖ୍ୟ ପରୀକ୍ଷାର୍ଥୀଙ୍କ ଲାଗି ଅସହନୀୟ ହୋଇ ଉଠୁଥିବ। ଦୀର୍ଘ ସମୟର ନିରନ୍ତ୍ର ଅଭ୍ୟାସ ଓ ପ୍ରସ୍ତୁତି ପରେ ଏକକ ମେଡିକାଲ ପ୍ରବେଶିକା ପରୀକ୍ଷା 'ନିଟ୍-ୟୁଜି' (ନେସନାଲ ଏଲିଜିବିଲିଟି କମ୍ ଏଟ୍ରାଂନ୍‌ସ ଟେଷ୍ଟ)ରେ ଅବତୀର୍ଣ୍ଣ ହୋଇ ପରୀକ୍ଷା ଫଳକୁ ପ୍ରତୀକ୍ଷା କରିଥିବା ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ଉପରେ, ସପ୍ତାହେ ପୂରୁ ନ ପୂରୁଣୁ, ଏକ ଅକାଳ ବଜ୍ରପାତ ସ୍ୱରୂପ ଖବରଟି ପହଂଚିଛି ଯେ ପରୀକ୍ଷାଟି ସଂପୂର୍ଣ୍ଣ ରୂପେ ବାତିଲ ହୋଇଯାଇଛି। କହିବା ଅନାବଶ୍ୟକ ଯେ ସେହି ୨୨ ଲକ୍ଷ ପରୀକ୍ଷାର୍ଥୀ ଏକ ଉତ୍ସାହ-ଶୁଷ୍କ ବାତାବରଣରେ ବିନିଦ୍ର ରଜନୀର ପରିଶ୍ରମ ଏବଂ ଅନିଶ୍ଚିତ ଭବିଷ୍ୟତର ଘୋର ଉଦ୍‌ବେଗ ମଧ୍ୟକୁ ପୁନର୍ବାର ନିକ୍ଷେପିତ ହୋଇଯାଇଛନ୍ତି। ଚଳିତ ବର୍ଷ ସରକାରୀ ଓ ବେସରକାରୀ ମିଶି ପ୍ରାୟ ୧.୫ ଲକ୍ଷ ଏମ.ବି.ବି.ଏସ. ସିଟ୍ ଲାଗି ପ୍ରବେଶିକା ପରୀକ୍ଷା ହେଉଛି, ଯାହାର ଅର୍ଥ ପ୍ରତି ଆସନ ଲାଗି ପ୍ରତିଦ୍ୱନ୍ଦ୍ୱୀଙ୍କ ସଂଖ୍ୟା ପ୍ରାୟ ୧୭ ଏବଂ ସ୍ୱଳ୍ପ ବ୍ୟୟରେ ଡାକ୍ତର ହେବାର ସୁଯୋଗ ଦେଉଥିବା କେବଳ ସରକାରୀ ମେଡିକାଲ କଲେଜରେ ଆସନକୁ ନେଇ ହିସାବ କଲେ ଏହା ହେବ ପ୍ରତି ସିଟ୍ ? ଲାଗି ପ୍ରାୟ ୪୦ ଜଣ ପ୍ରତିଦ୍ୱନ୍ଦ୍ୱୀ। ଏଥିରୁ ଅନୁମାନସାପେକ୍ଷ ଯେ ପ୍ରାର୍ଥୀ ଓ ସେମାନଙ୍କ ପରିବାର ଉପରେ ଏହି ପରୀକ୍ଷାର ଚାପ କିଭଳି ଦୁର୍ବିଷହ ହୋଇଥାଏ। କିନ୍ତୁ ତା' ଠାରୁ ଅଧିକ ବିଚଳିତକର ବିଷୟଟି ହେଲା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେଉଥିବାରୁ ସରକାରଙ୍କ ସାମର୍ଥ୍ୟ ସହିତ ରାଷ୍ଟ୍ରର ଭାବମୂର୍ତି ମଧ୍ୟ ପ୍ରଶ୍ନସଂକୁଳ ହୋଇ ପଡ଼ିଛି। ଗଣମାଧ୍ୟମ ସୂତ୍ରରୁ ପ୍ରକାଶ ଯେ ପରୀକ୍ଷାର ଅନ୍ତତଃ ୪୮ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ? ହୋଇସାରିଛି ବୋଲି ସୂଚନା ନେଇ ଏକ ଇ-ମେଲ, ମେ ୭ ତାରିଖ ଦିନ (ପରୀକ୍ଷାର ଚାରି ଦିନ ପରେ) ପରୀକ୍ଷା ପରିଚାଳନାକାରୀ ସଂସ୍ଥା 'ନେସନାଲ ଟେଷ୍ଟିଂ ଏଜେନ୍ ?ସି' ବା 'ଏନ୍ ?.ଟି.ଏ.' ନିକଟରେ ପହିଚିଂଥିଲା, ଯାହା ସତ୍ୟ ବୋଲି ତଦନ୍ତ ପରେ ହୃଦ୍‌ବୋଧ ହେବାରୁ ପରୀକ୍ଷା ବାତିଲ କରିବାର ଅନିବାର୍ଯ୍ୟତା ଉପୁଜି ଥିଲା। କହିବା ବାହୁଲ୍ୟ ଯେ 'ନିଟ୍' ପରୀକ୍ଷାର ଆୟୋଜନ ଏକ ଅତ୍ୟନ୍ତ ବିଶାଳ ବ୍ୟାପାର; ବାତିଲ ହୋଇଥିବା ପରୀକ୍ଷାରେ ୧୪ଟି ରାଜ୍ୟର ୫୫୦ଟି ସହରରେ ୫୪୦୦ଟି ପରୀକ୍ଷା କେନ୍ଦ୍ର ସଂପୃକ୍ତ ଥିଲେ; ଏକ ମୋଟାମୋଟି ହିସାବ ଅନୁସାରେ ପ୍ରଶ୍ନ ପତ୍ର ପ୍ରସ୍ତୁତିରୁ ଆରମ୍ଭ କରି ପରୀକ୍ଷା ହଲରେ ପ୍ରାର୍ଥୀମାନଙ୍କୁ ସେଗୁଡ଼ିକର ବିତରଣ ପର୍ଯ୍ୟନ୍ତ ସମୟ ଖଣ୍ଡ ମଧ୍ୟରେ ଲକ୍ଷାଧିକ ବ୍ୟକ୍ତି ଏହାର ପ୍ରିଂଟିଂ, ପରିବହନ ଓ ସୁରକ୍ଷା ଇତ୍ୟାଦି ପ୍ରକରଣରେ ସଂଶ୍ଳିଷ୍ଟ ହୁଅନ୍ତି, ଯେଉଁଠି ଦୁର୍ନୀତିକୁ ପ୍ରଶ୍ରୟ ଦେଲା ଭଳି ଛିଦ୍ରଟିଏ ସନ୍ଧାନ କରିବା ସମ୍ଭବ ହୋଇଯାଏ। ପ୍ରତି ପ୍ରଶ୍ନ ପତ୍ରକୁ ପ୍ରାୟ ୨୫ରୁ ୩୦ ଲକ୍ଷ ଟଙ୍କାରେ ବିକ୍ରୟ କରାଯାଉଥିବା ଭଳି ସ୍ଥିତିରେ ବିପୁଳ ଅଧର୍ମ ବିତ ଆହରଣର ଆକର୍ଷଣ ଦୁର୍ଲଂଘ୍ୟ ହେଉଥିବା ସ୍ୱାଭାବିକ। ବାତିଲ ହୋଇଥିବା ପରୀକ୍ଷାରେ ପ୍ରଶ୍ନପତ୍ରର ଖରିଦଦାରଙ୍କ ସଂଖ୍ୟା ୬୦୦ରୁ ଅଧିକ ବୋଲି ଅନ୍ତତଃ ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡ଼ିଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ଠାରୁ କିଛି କୋଚିଂ ସେଣ୍ଟର ଓ ଘରୋଇ ମେଡିକାଲ କଲେଜର ଲିଂକ୍ ନେଇ ମଧ୍ୟ ସନ୍ଦେହ ଦୃଢ଼ ହୋଇଛି। ସ୍ୱାଭାବିକ ଭାବେ ଯଦିଓ ଏଥି ଲାଗି ତୀବ୍ର ସମାଲୋଚନାର ଶରବ୍ୟ ହେଉଛନ୍ତି 'ଏନ.ଟି.ଏ.'ର ଡାଇରେକ୍ଟର ଜେନେରାଲ (ଡିଜି) ଅଭିଷେକ ସିଂହ। ଗଲା ଏପ୍ରିଲ ମାସରେ ତାଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ ମଧ୍ୟ ଭ୍ରୂକୁଂଚନ ସୃଷ୍ଟି କରିଥାଏ। ଏହାର ଅର୍ଥ ପରୀକ୍ଷା ଆଗରୁ ତାଙ୍କୁ ମିଳିଛି ମାତ୍ର ଗୋଟିଏ ମାସର ସମୟ, ଯେଉଁ ଅଭିଜ୍ଞତା ଏଭଳି ଏକ ଅତିକାୟ ପରୀକ୍ଷାର ପରିଚାଳନା ସଂଦର୍ଭରେ ନିହାତି କମ୍। ସୁତରାଂ, ବଡ଼ ସନ୍ଦେହଟି ହେଲା, ଠିକ୍ 'ନିଟ୍' ପୂର୍ବରୁ ଜଣେ ନୂତନ ଡିଜିଙ୍କ ନିଯୁକ୍ତି ଏକ ବୃହତ୍ ଷଡ଼୍‌ଯନ୍ତ୍ରର ଅଂଶ ନୁହେଁ ତ ? ଦ୍ୱିତୀୟରେ, ପୁଣି ଥରେ ହେବାକୁ ଥିବା ପରୀକ୍ଷାଟି ସଂପୂର୍ଣ୍ଣ ପାରଦର୍ଶୀ ଓ ଛିଦ୍ରମୁକ୍ତ ହେବ ବୋଲି ଗ୍ୟାରେଟିଂ କେଉଁଠାରୁ ମିଳିବ ଅବାଧ ଦୁର୍ନୀତି ପୁନର୍ବାର ଶିରୋନ୍ନୋଳନ କରିବ ନାହିଁ ତ ? ଏହା ପୂର୍ବରୁ ୨୦୨୪ ମସିହାରେ ମଧ୍ୟ 'ନିଟ୍ ?' ପ୍ରଶ୍ନପତ୍ର ଲିକ୍ ଜନିତ ବିବାଦ ଦ୍ୱାରା କଳୁଷିତ ହୋଇଛି। କହିବା ବାହୁଲ୍ୟ ଯେ ଏହା ପରେ ଘୋର ଚାଂଚଲ୍ୟ, ବିବାଦ, ବିତର୍କ ଓ ଗିରଫଦାରି ଆଦି ଦୃଷ୍ଟିଗୋଚର ମଧ୍ୟ ହୋଇଛି। କିନ୍ତୁ, ଏ ଯାବତ୍ ? କେହି ଜଣେ ହେଲେ ସୁଦ୍ଧା ଦଣ୍ଡିତ ହୋଇନାହାନ୍ତି, ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ବିଷୟ ତ ଦୂରର କଥା ! କହିବା ଅନାବଶ୍ୟକ ଯେ କେବଳ 'ନିଟ୍' ନୁହେଁ, ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଜନିତ ବିବାଦ ବାରମ୍ବାର ଆବିର୍ଭୂତ ହେବା ପଛରେ ଏହା ହିଁ ହେଉଛି ମୂଳ କାରଣ, ଯଦ୍ୱାରା କୌଣସି ପରୀକ୍ଷାର ପବିତ୍ରତା ନେଇ କିଛି ହେଲେ ସୁଦ୍ଧା ହଲପ୍ କରି କୁହାଯାଇପାରୁନାହିଁ। ମେଧାବୀମାନେ ଡାକ୍ତରୀ ପଢ଼ନ୍ତୁ ବୋଲି ଯେଉଁ ଲକ୍ଷ୍ୟ ନେଇ ଏକକ ପ୍ରବେଶିକା ପରୀକ୍ଷା 'ନିଟ୍'ର ପରିକଳ୍ପନା କରାଯାଇଥିଲା, ତାହା କିଭଳି ଭ୍ରଷ୍ଟ ହୋଇଛି ଏବଂ ତହିଁରୁ କିଭଳି ପ୍ରଶ୍ନପତ୍ର ଲିକ୍ ହେବା ଭଳି ଦୁଷ୍କରଣ ସୃଷ୍ଟି ହୋଇଛି, ତାହା ମଧ୍ୟ ପ୍ରଣିଧାନଯୋଗ୍ୟ। ମେଡିକାଲ ପଢ଼ିବା ଲାଗି 'ନିଟ୍'ରେ ଉତୀର୍ଣ୍ଣ ହେବାର ଅନିବାର୍ଯ୍ୟତାରେ ନିହିତ କାରଣଟି ଥିଲା ମେଧାକୁ ସୁଯୋଗ ଦେବାର ଆଗ୍ରହ। 'ନିଟ୍'ର ପ୍ରଚଳନ ପୂର୍ବରୁ ଘରୋଇ ମେଡିକାଲ କଲେଜଗୁଡ଼ିକ ପ୍ରାୟତଃ ସ୍ୱ-ପରିଚାଳିତ ପ୍ରବେଶିକା ପରୀକ୍ଷାର ପ୍ରହସନ କରିଆସୁଥିଲେ। ତେବେ, ସେ ଯାହା ହେଉ, ସାଂପ୍ରତିକ ବସ୍ତୁ ସ୍ଥିତି ହେଲା 'ନିଟ୍' ପରେ ମଧ୍ୟ ସ୍ଥିତି ବିଶେଷ ବଦଳି ନାହିଁ; ଦୁର୍ବଳ ମେଧାଯୁକ୍ତ ଛାତ୍ରଛାତ୍ରୀ ଡାକ୍ତରୀ ପଢ଼ିବାର ସୁଯୋଗ ପାଉଛନ୍ତି। ଉଦାହରଣ ସ୍ୱରୂପ ୨୦୨୩ ଓ ୨୦୨୪ ମସିହାରେ 'ନିଟ୍ କଟ୍‌ଅଫ୍ ମାର୍କ' ବା 'ପାସ ମାର୍କ' ଥିଲା ଯଥାକ୍ରମେ ୧୩୭ (୧୯.୦୩%) ଓ ୧୬୪ (୨୨.୭୮%), ଯାହା ନିଃସନ୍ଦେହରେ ଅତ୍ୟନ୍ତ ନିମ୍ନ ସ୍ତରୀୟ ଓ ଯହିଁରେ ସ୍ଥାନ ପାଇଥିଲେ ପ୍ରାୟ ୧୦ରୁ ୧୨ ଲକ୍ଷ ସରିକି ପରୀକ୍ଷାର୍ଥୀ। ଏଥିରେ ଦ୍ୱିରୁକ୍ତି ନାହିଁ ଯେ ଏମାନଙ୍କ ମଧ୍ୟରୁ ଅସଂଖ୍ୟଙ୍କ ମେଧାଗତ ସମ୍ଭାବନା ସନ୍ଦେହାସ୍ପଦ ହୋଇଥିବ। ଏହି ସଂଦର୍ଭରେ ପ୍ରଶ୍ନ ଉଠିଥାଏ ଯେ ମାତ୍ର ୧.୫ ଲକ୍ଷ ଡାକ୍ତରୀ ସିଟ୍ ଲାଗି ୧୦ରୁ ୧୨ ଗୁଣ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପାସ୍ କରାଇବାର କାରଣ କ'ଣ ହୋଇପାରେ 'କଟ୍‌ଅଫ୍ ମାର୍କ'କୁ ଉପରକୁ ଟେକି ସଫଳତାର ହାରକୁ ହ୍ରାସ କରିବା ସହିତ ମେଧାଗତ ଯୋଗ୍ୟତାକୁ ଗୁରୁତ୍ୱ ପ୍ରଦାନ କରାଯାଉନାହିଁ କାହିଁକି ? ଏହାର କାରଣ ସମ୍ଭବତଃ ଏହା ଯେ ଅଧିକ ସଂଖ୍ୟକ ସଫଳ ପରୀକ୍ଷାର୍ଥୀଙ୍କ ଭିତରୁ ବାର୍ଷିକ ହାରାହାରି ୮୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରି ଡାକ୍ତରୀ ପଢ଼ିବା ଲାଗି ଯଥେଷ୍ଟ ସଂଖ୍ୟକ ଧନିକ ଦୁଲାଳମାନଙ୍କ ଆବିର୍ଭାବ ଘଟିବ। ଏଭଳି ସ୍ଥିତିରେ ବିଡ଼ମ୍ବନାଟି ହେଲା, ସର୍ବଭାରତୀୟ ସ୍ତରରେ ୭୦ ହଜାର ର୍‍ୟାଙ୍କ ରଖି ସୁଦ୍ଧା ସରକାରୀ ମେଡିକାଲ କଲେଜରେ, ସ୍ୱଳ୍ପ ବ୍ୟୟରେ, ପଢ଼ିବାର ସୁଯୋଗ ନ ପାଇ ବାରମ୍ବାର ପରୀକ୍ଷା ଦେଇ ଚାଲିଥିବା ମଧ୍ୟବିତ୍ତ ପରିବାରର ମେଧାବୀ ସନ୍ତାନମାନଙ୍କ ଗହଣରେ ଦେଖିବାକୁ ମିଳନ୍ତି ତାମିଲନାଡୁର ଏସିଏସ୍ ମେଡିକାଲ କଲେଜରେ ଡାକ୍ତରୀ ପଢୁଥିବା ଜଣେ ଛାତ୍ର, ଯାହାଙ୍କ ନିଟ୍ ର୍‍ୟାଙ୍କ ଥିଲା ୧୦୧୨୩୯୨। କହିବା ବାହୁଲ୍ୟ, ୩୦ ଲକ୍ଷ ଟଙ୍କା ଦେଇ ଏହି ବର୍ଗ ହିଁ ଚୋରା ପ୍ରଶ୍ନପତ୍ର ଖର୍ଦ୍ଦି କରି ପାରନ୍ତି। ପରୀକ୍ଷା ବାତିଲ ହେବା ଶୁଣି ଗୋଆର ମୋରଗାଓ ଠାରେ ଅତ୍ୟନ୍ତ ମ୍ରିୟମାଣ ଜଣେ ସତର ବର୍ଷ ବୟସ୍କ ତରୁଣ ଆତ୍ମହତ୍ୟା କରି ଦେଇଛନ୍ତି। ପିତାଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ପତ୍ରରେ ସେ ଲେଖିଛନ୍ତି ଯେ ସେ ଆଉ ଥରେ ପରୀକ୍ଷା ଦେବାକୁ ଚାହାନ୍ତି ନାହିଁ। ଏହି ଲେଖାରୁ ବାରି ହୋଇଯାଏ ଯେ ପରୀକ୍ଷାର ଚାପ ଓ ପ୍ରସ୍ତୁତି ପାଇଁ ଲୋଡ଼ା ଅଭ୍ୟାସର ନିର୍ମମତା କିଭଳି ଅସଂଖ୍ୟ ପରୀକ୍ଷାର୍ଥୀଙ୍କ ଲାଗି ଅସହନୀୟ ହୋଇ ଉଠୁଥିବ। ଏହି ପରିପ୍ରେକ୍ଷୀରେ ପୃଥିବୀର ଦ୍ରୁତତମ ଧାବକ ଜାମାଇକୀୟ ସ୍ପ୍ରିଂଟର ୟୁସେନ ବୋଲ୍‌ଟ ସ୍ମରଣକୁ ଆସନ୍ତି, ଯିଏ ଏକ ସାକ୍ଷାତ୍ ?କାରରେ କହିଥିଲେ ଯେ ସେମାନଙ୍କ ସାଫଲ୍ୟ ବା ବିଫଳତାକୁ ପଡ଼ିଆରେ ଦେଖୁଥିବା କେହି ଜଣେ ହେଲେ ସୁଦ୍ଧା ବୁଝି ନ ଥାନ୍ତି ଯେ ଏହି ଗୋଟିଏ ଦିନ ସକାଶେ ଦୀର୍ଘକାଳୀନ ଅଭ୍ୟାସରେ ନିମଜ୍ଜିତ ସେମାନେ ସଭିଏଁ କିଭଳି ପ୍ରତ୍ୟହ ମରୁ ଥାଆନ୍ତି। ତେବେ, ଏଭଳି ପ୍ରତ୍ୟହ ମରିବାରୁ ନିଷ୍କୃତି ପାଇବାର ଉପାୟ କ'ଣ ସେହି ଅଗମ୍ୟ ପଥକୁ ବାଛି ନେବା ? କଦାଚିତ ନୁହେଁ ! ଏବଂ ତାହା ବୁଝନ୍ତି ବୋଲି ଲକ୍ଷ ଲକ୍ଷ ପରୀକ୍ଷାର୍ଥୀ ପୁନର୍ବାର 'ପ୍ରତ୍ୟହ ମରିବାରେ' ଲାଗି ଗଲେଣି। ସେମାନଙ୍କ ଲାଗି ମୁକ୍ତିର ଏକ ମାତ୍ର ପ୍ରତିଶ୍ରୁତି ହେଉଛି ଏକ ସୁପରିଚାଳିତ, ଦୁର୍ନୀତିବିହୀନ ଓ ପାରଦର୍ଶୀ 'ନିଟ୍'।

ନିୟତିର ସନ୍ତାନ

ପଇଁତିରିଶ ବର୍ଷ ତଳର ଗୋଟିଏ ସନ୍ଧ୍ୟା। ମୁଁ ଅଜିମ ପ୍ରେମଜୀଙ୍କୁ ଆଣିବାକୁ ଆମେରିକାର ସାନ୍ ଫ୍ରାନ୍‌ସିସ୍‌କୋ ଏଆରପୋର୍ଟକୁ ଯାଇଥାଏ। ସେତେବେଳେ ମୁଁ ଉଇପ୍ରୋ ସଂସ୍ଥାର ଆମେରିକା ପରିଚାଳକ ଭାବରେ କ୍ୟାଲିଫର୍ଣ୍ଣିଆର ସିଲିକନ ଭ୍ୟାଲିରେ ରହୁଥାଏ। ସେଦିନର ଉଇପ୍ରୋ ବର୍ତ୍ତମାନ ପରି ଗୋଟିଏ ବିରାଟ ବଡ଼ ବ୍ୟାବସାୟିକ ଅନୁଷ୍ଠାନ ହୋଇ ନ ଥିଲା। ଛୋଟ ଦୁଇ ବଖରାରେ ମୋର ଅଫିସ। ଏମିତିରେ ମଧ୍ୟ ଅଜିମ ପ୍ରେମଜୀଙ୍କର ଯାତାୟାତ ସମୟରେ କୌଣସି ଆଡ଼ମ୍ବର ନ ଥାଏ। ଯେଉଁଠିକୁ ଯାଆନ୍ତି, ସ୍ଥାନୀୟ କର୍ମକର୍ତାଙ୍କ ଗାଡ଼ିରେ ହୋଟେଲକୁ ଯାଆନ୍ତି। ବାଟରେ ବ୍ୟବସାୟଜନିତ କଥାବାର୍ତା ହୁଏ। ପର କେଇ ଦିନର କାର୍ଯ୍ୟକ୍ରମ ନେଇ ଆଲୋଚନା ହୁଏ। ମୁଁ ସମୟ ଅନୁସାରେ ଏଆରପୋର୍ଟରେ ପହଂଚିଗଲି। ଅଳ୍ପ ସମୟ ପରେ ନିଜ ଛୋଟ ସୁଟ୍‌କେସକୁ ନିଜେ ଟାଣି ଅଜିମ ପ୍ରେମଜୀ ବାହାରକୁ ଆସିଲେ। ଏବେ ଆମେ ଯିବୁ ସାଂଟା କ୍ଲାରାରେ ଥିବା ଗୋଟିଏ ମଝିଆ ଧରଣର ହୋଟେଲକୁ। ପ୍ରେମଜୀ କେବେହେଲେ କୌଣସି ଜାଗାରେ ପଂଚ ତାରକା ହୋଟେଲରେ ରହୁ ନ ଥିଲେ। ସେ କହୁଥିଲେ, ଟଙ୍କା ବ୍ୟବସାୟର, ମୋର ନୁହଁ। ତାଙ୍କର ମିତବ୍ୟୟିତା ଆମ ଭଳି କର୍ମଚାରୀଙ୍କୁ ପ୍ରଭାବିତ କରୁଥିଲା। ସେଦିନ ଗାଡ଼ିରେ ଯିବା ବେଳେ ପ୍ରେମଜୀ ସବୁଥର ଭଳି ମୋ ସାଙ୍ଗରେ ବ୍ୟବସାୟଜନିତ କଥାବାର୍ତା କରୁଥାଆନ୍ତି। ବାଟରେ ପଡ଼େ ୟୁନିଭର୍ସିଟି ଆଭେନ୍ୟୁ, ଅର୍ଥାତ୍ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟକୁ ରାସ୍ତା। ଆଖିରେ ପଡ଼ିଯିବା କ୍ଷଣି ପ୍ରେମଜୀ ମୋତେ ସେଇ ରାସ୍ତାରେ ଯିବାକୁ କହିଲେ। ମୁଁ ଗାଡ଼ି ବୁଲାଇନେଲି। କିଛି ସମୟ ପରେ ଆମେ ବିଶ୍ୱବିଦ୍ୟାଳୟର ମଝାମଝି ଗୋଟିଏ ଜାଗାରେ ପହଂଚିଗଲୁ। ମୋତେ ଗାଡ଼ି ଅଟକାଇବାକୁ କହି ପ୍ରେମଜୀ ଗାଡ଼ିରୁ ଓହ୍ଲେଇଗଲେ। କହିଲେ, କିଛି ସମୟ ପାଇଁ ସେ ଏଠି ଏକାକୀ ବୁଲି ଆସିବେ। ମୁଁ ଆଶ୍ଚର୍ଯ୍ୟ ହେଲି, କିନ୍ତୁ କିଛି କହିଲି ନାହିଁ। ଅଧଘଣ୍ଟାଏ ପରେ ପ୍ରେମଜୀ ଫେରିଆସିଲେ। ଏଥର ହୋଟେଲ୍। ଯିବା ବାଟରେ ଧୀର ସ୍ୱରରେ ପ୍ରେମଜୀ କେବଳ ଗୋଟିଏ କଥା କହିଥିଲେ- 'ମୁଁ ଏଇଠି ପାଠ ପଢୁଥିଲି। ଅଧାରୁ ବନ୍ଦ କରିବାକୁ ହୋଇଥିଲା।' ବାକୀତକ ରାସ୍ତା ନିରବରେ କଟିଯାଇଥିଲା। ୧୯୬୩ ମସିହାରେ ପ୍ରେମଜୀ ଇଞ୍ଜିନିଅରିଙ୍ଗ ପଢ଼ିବା ପାଇଁ ଷ୍ଟାନ୍‌ଫୋର୍ଡ ଆସିଥିଲେ। ପାଠ ଶେଷ ହେବା ଆଗରୁ ଦିନେ ଖବର ପାଇଲେ ଯେ ବାପା ଚାଲିଗଲେ। ସାଙ୍ଗେସାଙ୍ଗେ ବମ୍ବେ ଚାଲିଆସିଲେ ସେ। ଭାବିଥିଲେ କିଛି ଦିନ ପରେ ପୁଣି ଫେରି ଆସି ପାଠ ଶେଷ କରିବେ। ହେଲେ ତା' ଆଉ ହେଲା ନାହିଁ। ବମ୍ବେ ପହଂଚି ଦେଖିଲେ ଯେ ବାପାଙ୍କର ତେଲ, ବନସ୍ପତି ଓ ସାବୁନ ବ୍ୟବସାୟର ବହୁ ସମସ୍ୟା। ପ୍ରେମଜୀଙ୍କ ବାପା ହାଶାମ ପ୍ରେମଜୀ ବ୍ୟବସାୟୀ ଅପେକ୍ଷା ଜଣେ ସମାଜ-କଲ୍ୟାଣକାରୀ ମଣିଷ ହିସାବରେ ଅଧିକ ଜଣାଶୁଣା ଥିଲେ। ପୈତୃକ ବ୍ୟବସାୟ ଚଳାଉଥିଲେ ମଧ୍ୟ ସ୍ୱାଧୀନତା-ପୂର୍ବ ଭାରତ ପାଇଁ ଅଧିକ ଚିନ୍ତିତ ଥିଲେ। ଭାରତ ସ୍ୱାଧୀନ ହେବା ପରେ ପାକିସ୍ତାନର ନିର୍ମାତା ମହମ୍ମଦ ଅଲୀ ଜିନ୍ନା ତାଙ୍କୁ ସେଠିକାର ଅର୍ଥମନ୍ତ୍ରୀ ହେବା ପାଇଁ ନିମନ୍ତ୍ରଣ କରିଥିଲେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତ୍ତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin : 769003

ଝାରସୁଗୁଡ଼ା ଜିଲ୍ଲା ପରିବେଶ ସମିତି ବୈଠକ :
ପରିବେଶ ସୁରକ୍ଷା ଓ ବିକାଶମୂଳକ କାର୍ଯ୍ୟର ବ୍ୟାପକ ସମୀକ୍ଷା

ଝାରସୁଗୁଡ଼ା,୨୨/୫(ନି/ପ୍ର) :ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରସ୍ଥ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅଡିଟୋରିୟମ୍ ହଲ୍‌ରେ ଜିଲ୍ଲା ପରିବେଶ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ପ୍ରଦୂଷଣ ନିୟନ୍ତ୍ରଣ, ବନୀକରଣ ଏବଂ ପରିବେଶ ସନ୍ତୁଳନ ରକ୍ଷା ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଛି। ଜିଲ୍ଲାର ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଆଜିର ଏହି ବୈଠକରେ ଯୋଗଦେଇ କହିଛନ୍ତି, ଯେଉଁ ସବୁ ଶିଳ୍ପ ସଂସ୍ଥା ଧାର୍ଯ୍ୟ ବୃକ୍ଷରୋପଣ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଛନ୍ତି ଏବଂ ପରିବେଶ ନିୟମର ଉଲ୍ଲଂଘନ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ବିଧାୟକ ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି ଯେ, କେବଳ କାଗଜପତ୍ର କିମ୍ବା ପ୍ରତିଶ୍ରୁତି ମଧ୍ୟରେ ସୀମିତ ନରହି ବାସ୍ତବରେ ଜଙ୍ଗଲ ସୃଷ୍ଟି କରିବା ପାଇଁ ଏକ ବ୍ୟାପକ ଜନ ଆନ୍ଦୋଳନ ସୃଷ୍ଟି ହେବା ଜରୁରୀ। ଏହି ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାମାଜିକ ଓ ଆଧ୍ୟାତ୍ମିକ ସଂଗଠନ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ସାମିଲ କରାଯାଇ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ଓ ତାର ସଠିକ୍ ରକ୍ଷଣାବେକ୍ଷଣ ଦାୟିତ୍ୱ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଏହାବ୍ୟତୀତ ଆଗାମୀ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୭ ଦିନ ମଧ୍ୟରେ ଚଳିତ ବର୍ଷର ଲକ୍ଷ୍ୟଧାର୍ଯ୍ୟ, ବୃକ୍ଷରୋପଣ ପାଇଁ ଚିହ୍ନଟ ହୋଇଥିବା ଜମିର ପରିମାଣ ଏବଂ ସ୍ଥାନର ଏକ ସମ୍ପୂର୍ଣ୍ଣ ସୂଚୀ ପ୍ରସ୍ତୁତ କରିବାକୁ ସେ ବନଖଣ୍ଡ ଅଧିକାରୀଙ୍କୁ କହିଛନ୍ତି। ଜିଲ୍ଲାରେ ରୋପଣ କରାଯାଉଥିବା ଚାରାର ଗୁଣବତ୍ତା ବଜାୟ ରଖିବା ପାଇଁ ବିଧାୟକ ଜିଲ୍ଲା ବନ ବିଭାଗକୁ ଏକ ସ୍ୱତନ୍ତ୍ର ସର୍କୁଲାର୍ ଜାରି କରିବାକୁ କହିଛନ୍ତି। ଏହି ସର୍କୁଲାର୍ ଅନୁଯାୟୀ, ସମସ୍ତ ସଂସ୍ଥା କେବଳ ବନ ବିଭାଗରୁ ହିଁ ଚାରା କିଣିବା ବାଧ୍ୟତାମୂଳକ ହେବ ଏବଂ ରୋପଣ କରାଯାଉଥିବା ଚାରାଗୁଡ଼ିକର ବୟସ ଅତିକମରେ ୧୮ ମାସରୁ ଅଧିକ ହେବା ଆବଶ୍ୟକ, ଯାହାଦ୍ୱାରା ଚାରାଗୁଡ଼ିକ ନଷ୍ଟ ନହୋଇ ସହଜରେ ବଢ଼ିପାରିବ। ଏହି ବୈଠକରେ ବର୍ଷ ୨୦୨୬-୨୭ ପାଇଁ ବିଭିନ୍ନ କର୍ପୋରେଟ୍ ଏବଂ ଖଣି ସେକ୍ଟରକୁ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ୨୫ ସେପ୍ଟେମ୍ବର ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଗ୍ରଗତିର ସମୀକ୍ଷା ପାଇଁ ପରବର୍ତ୍ତୀ ସମୟରେ ପ୍ଲାଂଟେସନ ମନିଟରିଂ କମିଟିକୁ ମଧ୍ୟ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଜିଲ୍ଲା ପରିବେଶ ସମିତି ବୈଠକର ପ୍ରାରମ୍ଭରେ ବନଖଣ୍ଡ ଅଧିକାରୀ ଶ୍ରୀ ମନୁ ଅଶୋକ ଭଟ୍ଟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଓ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରେ ସରକାରୀ ପତିତ ଜମିରେ ବ୍ୟାପକ ବନୀକରଣ, 'ଝାରସୁଗୁଡ଼ା ନଗର ବନ'ର ସୃଷ୍ଟି, ହୀରାକୁଦ ଜଳଭଣ୍ଡାରର ପରିବେଶ ସଂରକ୍ଷଣ ଏବଂ ସହରର ବିଭିନ୍ନ ସରକାରୀ ବିଦ୍ୟାଳୟର ଚତୁଃପାର୍ଶ୍ୱ ପ୍ରାଚୀର କଡ଼ରେ ଅଧିକ ଦୃଶ୍ୟମାନ ହେବା ଭଳି 'ମିୟାୱାକି' ପଦ୍ଧତିରେ ବୃକ୍ଷରୋପଣ କରିବା ଭଳି ଜନହିତକର ପ୍ରସଙ୍ଗ ସାମିଲ ରହିଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବେଦାନ୍ତ, ଏନଆଲସି ତଳାବିରା, ଏମସିଏଲ୍, ଓରିଏଂଟ, ଏସଏମସି - ୨, ଜେଏସଡବ୍ଲ୍ୟୁ ଏବଂ ଆପାର୍ ଇଣ୍ଡଷ୍ଟ୍ରିଜ୍ ଭଳି ପ୍ରମୁଖ ସଂସ୍ଥାଗୁଡ଼ିକ ପରିବେଶ ନିୟମାବଳୀର ଉଲ୍ଲଂଘନ କରିଥିବା ଓ ବୃକ୍ଷରୋପଣ ଲକ୍ଷ୍ୟ ପୂରଣରେ ବିଫଳ ହୋଇଥିବା ଜଣାପଡ଼ିଛି। ଏହି ଖଣିଜ ଓ ଶିଳ୍ପ ସଂସ୍ଥାଗୁଡ଼ିକର ମନୋମୁଖୀ କାର୍ଯ୍ୟକଳାପକୁ ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ, ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିନଥିବା ପ୍ରତି ଖିଲାପକାରୀ ସଂସ୍ଥାଠାରୁ 'ପ୍ରତି ଗଛ ପିଛା ୧୦୦ ଟଙ୍କା' ହିସାବରେ ଜରିମାନା ଆଦାୟ କରିବାକୁ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ, ଜିଲ୍ଲାର ପ୍ରାୟ ୬୦୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ପରିସର ମଧ୍ୟରେ ମିୟାୱାକି ପଦ୍ଧତି ଅବଲମ୍ବନ କରି ଫଳପ୍ରଦ ଓ ପରିବେଶ ଉପଯୋଗୀ ବୃକ୍ଷରୋପଣ କରାଯିବ ଏବଂ ଏଥିପାଇଁ ଖୁବ୍ ଶୀଘ୍ର ଜିଲ୍ଲା ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯିବ ବୋଲି ସୂଚନା ମିଳିଛି। ଜିଲ୍ଲାରେ ଭିତିଭୂମି ବିକାଶ ସମୟରେ ପରିବେଶର ସୁରକ୍ଷା କିପରି କରାଯାଇପାରିବ ଏବଂ ସହରାଂଚଳରେ ସବୁଜିମା ବୃଦ୍ଧି ସହ ଏବଂ ଗ୍ରାମାଂଚଳର ପରିବେଶ ସୁରକ୍ଷା ପାଇଁ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ତାହା କହିଛନ୍ତି। ଏହି ବୈଠକରେ ଜିଲ୍ଲାର ପରିବେଶ ସୁରକ୍ଷା ଓ ସନ୍ତୁଳନ ରକ୍ଷା ପାଇଁ ଆଗାମୀ ବର୍ଷା ଦିନରେ ଜିଲ୍ଲାର ବିଭିନ୍ନ ଖାଲି ସ୍ଥାନ, ଶିଳ୍ପାଂଚଳ ଏବଂ ରାସ୍ତାକଡ଼ରେ ଉଦ୍ୟାନ କୃଷି ଓ ବନ ବିଭାଗର ମିଳିତ ସହଯୋଗରେ ବ୍ୟାପକ ବୃକ୍ଷରୋପଣ କରି ଏକ ସବୁଜ ବଳୟ ସୃଷ୍ଟି କରିବା ପାଇଁ ନିଷ୍ପତି ନିଆଯାଇଛି। ଝାରସୁଗୁଡ଼ା ଏକ ଶିଳ୍ପପ୍ରଧାନ ଜିଲ୍ଲା ହୋଇଥିବାରୁ ବାୟୁ ଏବଂ ଜଳ ପ୍ରଦୂଷଣକୁ ରୋକିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ କଡ଼ା ନଜର ରଖିବା ସହ ଶିଳ୍ପ ସଂସ୍ଥାଗୁଡ଼ିକର ନିୟମିତ ଯାଂଚ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ କଟକଣାକୁ କଡ଼ାକଡ଼ି କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କୁହାଯାଇଛି। ଆଜିର ଏହି ବୈଠକରେ ସମ୍ମାନିତ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ପ୍ଲାଂଟେସନ ମନିଟରିଂ କମିଟିର ଅଧ୍ୟକ୍ଷ ପ୍ରହଲ୍ଲାଦ ନାଏକ, ତହସିଲଦାର, ଝାରସୁଗୁଡ଼ା ସଦାକର କୁମ୍ଭାର ଏଥିସହ ଜିଲ୍ଲା ପରିବେଶ ସମିତିର ଅନ୍ୟାନ୍ୟ ସଦସ୍ୟ ଯଥା- ତାପସ ରାୟ ଚୌଧୁରୀ, ନରେଶ କୁମାର ନାଏକ, ବେଣୁଧର ଚୌଧୁରୀ, ବିଜୟ କୁମାର ବେହେରା, ତ୍ରିନାଥ ଗୁଆଲ ପ୍ରମୁଖ ସାମିଲ ଥିଲେ। ଏହି କମିଟିର ସଦସ୍ୟମାନେ ବିଭିନ୍ନ ଶିଳ୍ପାଂଚଳ ଓ ଖଣି ପରିସର ପରିଦର୍ଶନ କରି ବୃକ୍ଷରୋପଣର ପ୍ରକୃତ ସ୍ଥିତି ଯାଂଚ୍ କରିବା ସହ ସେମାନଙ୍କର ତଥ୍ୟଭିତିକ ଅନୁସନ୍ଧାନ ରିପୋର୍ଟ ପ୍ରଦାନ କରିଛନ୍ତି।

କୁକୁର କାମୁଡ଼ିବାରୁ ସାମ୍ବାଦିକ ନିଲୁ ସାହୁ ଆହତ
ଡାକ୍ତରଖାନା ପହଂଚି ଚିକିତ୍ସା କଥା ପଚାରି ବୁଝିଲେ ପ୍ରସନ୍ନ

ସମ୍ବଲପୁର,୨୨/୫(ନି/ପ୍ର): ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ଯୁଯୋମୁରାକୁ ବୁଧବାର ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ନନ୍ଦିଘୋଷ ଟିଭି ର ଜିଲ୍ଲା କେମେରା ମ୍ୟାନ୍ ସାମ୍ବାଦିକ ଶ୍ରୀ ନିଲୁ ସାହୁଙ୍କୁ ଏକ କୁକୁର କାମୁଡିବାରୁ ଆହତ ହୋଇଛନ୍ତି ଓ ସାମ୍ବାଦିକ ଶ୍ରୀ ନିଲୁ ସାହୁ କୁକୁର କୁମୁଡାରେ ଆହତ ହୋଇଥିବା ଖବର ପାଇ ବିରୋଧୀ ଦଳ ଉପ ନେତା ତଥା ରେଢ଼ାଖୋଲ ବିଧାୟକ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଡାକ୍ତରଖାନା ପହଂଚି ଚିକିତ୍ସା କଥା ପଚାରି ବୁଝିଥିଲେ ଓ ଯୁଯୋମୁରା ଥାନା କଡରେ ଥିବା ରିତୁଲ ହୋଟେଲ ନିକଟରେ କୁକୁରଟି ଆକ୍ରମଣ କରିଥିଲା ଓ ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ ଓ ତୁରନ୍ତ ରକ୍ତାକ୍ତ ଅବସ୍ଥାରେ ସାମ୍ବାଦିକ ଶ୍ରୀ ନିଲୁ ସାହୁଙ୍କୁ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ଓ ସେଠାରେ ଡା. ଚିତରଞ୍ଜନ ସାହୁ ଚିକିତ୍ସା କରି ଏଆରଭି, ଟିଟାନସ, ଇମିନୋ ଗ୍ଲୋବୁଲିନ୍ ଇଞ୍ଜେକ୍ସନ ଦେଇଥିଲେ ଓ ଏହି ଅବସରରେ ଖବର ସଂଗ୍ରହ ପାଇ ସମ୍ବଲପୁରରୁ ଯୁଯୋମୁରା ଯାଇଥିବା ସାମ୍ବାଦିକ ଅଜୟ ନାଥ, ପ୍ରମୋଦ ବହିଦାର, ଶୁଭଶ୍ରୀ ବାରିକ, ସୁଶାନ୍ତ ମହାପାତ୍ର, ଶୁଭମ ଖଡ଼ିରତ୍ନ, ସରୋଜ ସାହୁ, ସୁବାଶିଷ ପାଢ଼ୀ, ଦୁଲାଲ ଚନ୍ଦ୍ରରାୟ ପ୍ରମୁଖ ଡାକ୍ତରଖାନା ପହଂଚି ଥିଲେ ଓ ଏହି ଅବସରରେ ବିଜୁ ଯୁବ ଜନତା ଦଳ ରାଜ୍ୟ ଉପ ସଭାପତି ହୀରାଲାଲ ବେହେରା, ବିଜେଡି ଯୁଯୋମୁରା ବ୍ଲକ ସଭାପତି ବିନୋଦ ବଡ଼ପଣ୍ଡା, ଲିପିଣ୍ଡା ସରପଂଚ ପ୍ରଫୁଲ୍ଲ ମିର୍ଦ୍ଧା ମଧ୍ୟ ପହଂଚି ସାମ୍ବାଦିକ ଶ୍ରୀ ସାହୁଙ୍କ ଚିକିତ୍ସା କଥା ବୁଝିଥିଲେ ଓ ତେବେ କୁକୁର କାମୁଡାରେ ଏହି ଅଂଚଳରେ ଭୟର ବାତାବରଣ ଖେଳିଯାଇଛି।

ଭୟାବହ ସଡ଼କ ଦୁର୍ଘଟଣା : ସୁବର୍ଣ୍ଣପୁର ଜିଲା ବିଜେଡି ସଭାପତି ଗୁରୁତର

ବଲାଙ୍ଗିର,୨୨/୫(ନି/ପ୍ର): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥର ସାଲେଭଟା ନିକଟରେ ଗତକାଲି ବିଳମ୍ବିତ ରାତିରେ ଘଟିଥିବା ଏକ ଭୟାବହ ସଡ଼କ ଦୁର୍ଘଟଣାରେ ସୁବର୍ଣ୍ଣପୁର ଜିଲା ବିଜେଡି ସଭାପତି ସରୋଜ କର୍ମ ଗୁରୁତର ଆହତ ହୋଇଛନ୍ତି। ସେ ବରଗଡରୁ ନିଜ ଘରକୁ ଫେରୁଥିବାବେଳେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରେଲରକୁ ତାଙ୍କ ଗାଡ଼ି ଧକ୍କା ଦେଇଥିଲା।

ରାଇଘର ନିକଟରେ ସାର ବୋଝେଇ ଟ୍ରକ୍ ଦୁର୍ଘଟଣା : ଡ୍ରାଇଭର ମୃତ

ରାଇଘର,୨୨/୫ (ନି/ପ୍ର): ନବରଙ୍ଗପୁର ଜିଲ୍ଲାର ରାଇଘର ନିକଟରେ ଗୁରୁବାର ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଜୟପୁରରୁ ଆସୁଥିବା ସାର ବୋଝେଇ ଟ୍ରକ୍ଟି ନିୟନ୍ତ୍ରଣ ହାରାଇ ରାସ୍ତା ପାଖରେ ଥିବା ଦୁଇଟି ଗଛକୁ ପିଟି ଦେବାରୁ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଜୟପୁର କେନ୍ଦୁଗୁଡ଼ା ଅଂଚଳର କାନ୍ତ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଟ୍ରକ୍ଟି ଜୟପୁର ମାର୍କଫେଡ୍ ରୁ ରାଇଘର ଲ୍ୟାମ୍ପସ୍ କୁ ପ୍ରାୟ ୬୦୦ ବସ୍ତା ସାର ବୋଝେଇ ଯାଉଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ରାଇଘର ଅଗ୍ନିଶମ ବିଭାଗ ଓ ପୋଲିସ୍ ଘଟଣାସ୍ଥଳରେ ପହଚିଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଡ୍ରାଇଭରଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଦୁର୍ଘଟଣା କେଉଁ କାରଣରୁ ଘଟିଲା ସେନେଇ ରାଇଘର ପୋଲିସ୍ ତଦନ୍ତ ଆରମ୍ଭ କରିଛି।

ବୌଦ୍ଧ ଜିଲା ପ୍ରଶାସନ କେତେଦୂର ପ୍ରସ୍ତୁତ :
ଜିଲ୍ଲାରେ ଜୁନ ୨ରୁ ଖୋଲିବ ମଣ୍ଡି, ଭିତିଭୂମି ଅଭାବରେ ଅନେକ ମଣ୍ଡି

ବୌଦ୍ଧ,୨୨/୫(ନି/ପ୍ର): ବୌଦ୍ଧ ଜିଲ୍ଲାରେ ଧାନ ସଂଗ୍ରହ ପାଇଁ ଜୁନ ୨ ତାରିଖରୁ ମଣ୍ଡି ସବୁ ଖୋଲିବ କ୍ଷ ତେବେ ବୌଦ୍ଧ ଜିଲା ପ୍ରଶାସନ ଏନେଇ କେତେ ଦୂର ପ୍ରସ୍ତୁତ ରହିଛି ସେ ନେଇ ଚାଷୀମାନଙ୍କ ମନରେ ଅନେକ ଆଶଙ୍କା ରହିଛି । ଜିଲାରେ ଭିତିଭୂମି ଅଭାବରେ ଅନେକ ମଣ୍ଡି ରହିଛି । କେଉଁ ମଣ୍ଡି ଗାଁ ଖେଳ ପଡିଆରେ ତ ଆଉ କେଉଁ ମଣ୍ଡି ସ୍କୁଲ ପଡିଆରେ ଖୋଲାଯାଉଛି । ଏହାର ପ୍ରକୃଷ୍ଟ ଉଦାହରଣ ଜିଲାର ସଦର ମହକୁମାରେ ଗତ ଧାନ କ୍ରୟ ସମୟରେ ଦେଖିବାକୁ ମିଳିଥିଲା । ଜିଲ୍ଲାପ୍ରଶାସନ, ଜିଲାପାଳ ଓ ଜିଲାର ମୁଖ୍ୟ ଯୋଗାଣ ଅଧିକାରୀଙ୍କ ନାକତଳେ ଭୈରବୀ ପଡିଆରେ ଧାନ କ୍ରୟ କରାଯାଇଥିଲା । ଏପରି ସ୍ଥଳେ ଭିତିଭୂମି, ଚାଷୀଙ୍କ ପାଇଁ ମୌଳିକ ସୁବିଧା ଖୋଜିଲେ କୋଉଠୁ ମିଳିବ । ଅନ୍ୟପକ୍ଷରେ ମଣ୍ଡି ଗୁଡିକର ଭିତି ଭୂମି ନିର୍ମାଣ କରିବା ଓ ଚାଷୀଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ବାବଦରେ ଲକ୍ଷ ଲକ୍ଷ ଟଙ୍କା ପ୍ରତିବର୍ଷ ଚଳୁ କରାଯାଉଛି । ସବୁବର୍ଷପରି ଧର୍ମକୁ ଆଖିଠାର ମାରିବା ନ୍ୟାୟରେ ବୌଦ୍ଧ ଜିଲ୍ଲାରେ ଧାନ ସଂଗ୍ରହ ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲା ସ୍ତରୀୟ ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ କଂଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ସୁବିଧା, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ ଧାନ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଆସନ୍ତା ଜୁନ୍ ୨ ତାରିଖରୁ ଜିଲ୍ଲାରେ ଧାନ ମଣ୍ଡି ଖୋଲିବା ନେଇ ସୂଚନା ଦିଆଯାଇଥିଲା କ୍ଷ ଚଳିତ ରବି ଋତୁ ପାଇଁ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧,୮୮,୯୫୦ କ୍ୱିଂଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ୮,୨୯୦ ଜଣ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ୨୪ଟି ପ୍ୟାକ୍ସ ଅଂଶଗ୍ରହଣ କରିବେ ଓ ୧୩ ଟି ମିଲ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ । ବୈଠକରେ ପ୍ରତ୍ୟେକ ପ୍ୟାକ୍ସ ଓ ପିପିସିରେ ପାନୀୟ ଜଳ, ବିଶ୍ରାମ ସ୍ଥଳ, ଶୌଚାଳୟ ଆଦି ମୌଳିକ ସୁବିଧା ଯୋଗାଇଦେବା, ମିନି ଗ୍ରେଡର, ମଏସ୍ଚର ମିଟର, କମ୍ପ୍ୟୁଟରାଇଜ୍ଡ ଓଜନ ଯନ୍ତ୍ର, ତରପୋଲିନ ଓ ପଲିଥିନ ସିଟ୍ ଇତ୍ୟାଦି ବ୍ୟବସ୍ଥା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ପ୍ରତ୍ୟେକ ପିପିସିରେ ସିସିଟିଭି ସ୍ଥାପନ କରାଯାଇ ଜିଲ୍ଲା ଓ ରାଜ୍ୟ କଂଟ୍ରୋଲ ରୁମ୍ ସହ ଲାଇଭ୍ ଫିଡ୍ ସଂଯୋଗ କରାଯିବ । ଚାଷୀମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ସ୍ତରରେ କଂଟ୍ରୋଲ ରୁମ ଖୋଲାଯିବା ସହ ମଣ୍ଡିଗୁଡିକରେ ନୋଡାଲ ଅଫିସର ଓ ସୁପରଭାଇଜିଂ ଅଫିସର ନିଯୁକ୍ତ କରାଯିବ । ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୃଷକ ମାନଙ୍କ ଅଭିଯୋଗ ଶୁଣାଣୀ ସେଲ ଗଠନ ହେବ ।

ଓଡ଼ିଶା ମେଟାଲିକ୍ସ ବିରୁଦ୍ଧରେ ଅଂଚଳବାସୀଙ୍କ ଯୁଦ୍ଧଂଦେହି ଡାକରା :
୨୪ ମଧ୍ୟରେ ପଦକ୍ଷେପ ନ ନେଲେ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ଝାରସୁଗୁଡ଼ା,୨୨/୫(ନି/ପ୍ର): ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ମରାକୁଟାସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ବିରୋଧରେ ବେଆଇନ ଜଳ ଶୋଷଣ, ନଦୀ ପ୍ରଦୂଷଣ ଓ ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ ଉଠାଇ ମଙ୍ଗଳବାର ଶତାଧିକ ମହିଳା ଓ ଗ୍ରାମବାସୀ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିକଟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜମେରା, ଇବ୍, ମରାକୁଟା, ବୁଢ଼ୀପଦର ସହ ବ୍ରଜରାଜନଗର ପୌରାଂଚଳର ବିଭିନ୍ନ ଅଂଚଳର ଲୋକେ ଏହି ପ୍ରତିବାଦରେ ସାମିଲ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କମ୍ପାନୀ ପକ୍ଷରୁ ଗ୍ରୀଷ୍ମ ଋତୁରେ ଇବ ନଦୀରୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ପାଣି ଉଠାଇବାକୁ କୌଣସି ଅନୁମତି ନଥିବା ସତ୍ତ୍ୱେ ବେଆଇନ ଭାବେ ପାଇପ ଲାଇନ୍ ଯୋଗେ ପ୍ରଚୁର ପରିମାଣରେ ଜଳ ଉତୋଳନ କରାଯାଉଛି। ଏହାର ପ୍ରଭାବରେ ଜମେରା, ଇବ୍, ମରାକୁଟା, ବୁଢ଼ୀପଦର ଏବଂ ନଦୀ ସେପାରିର ରେମଜା, ତେଲେନପାଲି, ଇଟାଭଟା ଓ ଗୋଣ୍ଡଘୋରା ଆଦି ଗ୍ରାମରେ ଭୟଙ୍କର ଜଳ ସଙ୍କଟ ଦେଖାଦେଇଛି। ଅଂଚଳବାସୀ ଆହୁରି ଅଭିଯୋଗ କରିଛନ୍ତି ଯେ, କମ୍ପାନୀ ଅନୁମତି ଠାରୁ ଅଧିକ ଗଭୀର ନଳକୂପ ଖୋଦନ କରି ଭୂତଳ ଜଳ ଶୋଷଣ କରୁଥିବାରୁ ସ୍ଥାନୀୟ ଅଂଚଳର ସାଧାରଣ ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଛି। ପ୍ରାୟ ୪୦ରୁ ଅଧିକ ଗ୍ରାମର ଲୋକେ ପାନୀୟ ଜଳ ଓ ଜଳସେଚନ ପାଇଁ ଇବ୍ ନଦୀ ଉପରେ ନିର୍ଭର କରୁଥିବା ବେଳେ କମ୍ପାନୀର ଦୂଷିତ ବର୍ଜ୍ୟଜଳ ଜମେରା ନାଳ ମାଧ୍ୟମରେ ନଦୀକୁ ଛଡ଼ାଯାଉଥିବାରୁ ନଦୀଜଳ ପ୍ରଦୂଷିତ ହେଉଥିବା ସେମାନେ ଦର୍ଶାଇଛନ୍ତି। ଏହା ସହ କମ୍ପାନୀ ପ୍ରାୟ ୧୦.୪୯ ଏକର ଗ୍ରାମ୍ୟ ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲ କରିଥିବା ଅଭିଯୋଗ ମଧ୍ୟ ହୋଇଛି। ଏନେଇ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର ପୂର୍ବରୁ ଜମି ମୁକ୍ତ କରିବାକୁ ନୋଟିସ ଜାରି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ହୋଇନଥିବା ଗ୍ରାମବାସୀ କହିଛନ୍ତି। ଏହା ଜଳ ଆଇନ-୧୯୭୪, ପରିବେଶ ସୁରକ୍ଷା ଆଇନ-୧୯୮୬ ଓ ଜଙ୍ଗଲ ଅଧିକାର ଆଇନ-୨୦୦୬ର ଉଲ୍ଲଂଘନ ବୋଲି ସେମାନେ ଦାବି କରିଛନ୍ତି। ଗତ ୧୩ ମଇ ଠାରୁ ଅଂଚଳବାସୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଥିବା ବେଳେ ମଙ୍ଗଳବାର ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ଦାଖଲ କରାଯାଇଛି। ସେଥିରେ ଇବ୍ ନଦୀରୁ ବେଆଇନ ପାଣି ଉଠାଣ ବନ୍ଦ, ଭୂତଳ ଜଳ ଶୋଷଣ ରୋକ, ଜମେରା ନାଳରେ ଦୂଷିତ ଜଳ ନିଷ୍କାସନ ବନ୍ଦ ଓ ଜବରଦଖଲ ଜଙ୍ଗଲ ଜମି ତୁରନ୍ତ ମୁକ୍ତ କରିବା ଦାବି ରହିଛି। ଆସନ୍ତା ୨୪ ମଇ ସୁଦ୍ଧା ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନ ନିଆଗଲେ ୨୫ ମଇରେ ତହସିଲଦାରଙ୍କ ବିରୋଧରେ ମହାମହିମ ରାଷ୍ଟ୍ରପତି ଓ ଜାତୀୟ ମାନବାଧିକାର କମିଶନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ଲଳିତ ସୋରେଙ୍ଗ ଦାବିପତ୍ର ଗ୍ରହଣ କରିଥିଲେ। ସେ ପ୍ରତିନିଧିମଣ୍ଡଳୀକୁ ଏହି ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଲୋକମୁକ୍ତି ସଂଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା, ସୁରେଖା ଶେଖର ଦେଓ, ବିନ୍ଦୁରେଖା ଭୋଇ, ସୁବାସିନୀ ସେଠ, ପ୍ରଭାସିନୀ ମାଲି, ସେବତୀ ଲୁହା, ଜ୍ୟୋତ୍ସ୍ନା ମାଝୀ, ଟିକେଶ୍ୱରୀ ପ୍ରଧାନ, ଆରତୀ ସାହୁଙ୍କ ସମେତ ଶତାଧିକ ମହିଳା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

ସମାସିଂହାରେ ସୁନ୍ଦରକାଣ୍ଡ ପାରାୟଣ ମହୋତ୍ସବ

ଝାରସୁଗୁଡ଼ା,୨୨/୫(ନି/ପ୍ର): କୋଲାବିରା ବ୍ଲକ ସମାସିଂହା ଦୁର୍ଗା ମନ୍ଦିର ମଣ୍ଡପ ରେ ରବିବାର ସୁନ୍ଦରକାଣ୍ଡ ପାରାୟଣ(ରାମକଥା) ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏକ ଆଧ୍ୟାତ୍ମିକ ପରିବେଶରେ ଆଚାର୍ଯ୍ୟ ଅଙ୍କୁଶ ପାଣିଗ୍ରାହୀ ଦେବ ପାରାୟଣ ଅମୃତ ବଚନ ଗାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂଜକ କ୍ଷୀରୋଦ ଚନ୍ଦ୍ର ପୁଝାରୀ ଓ ଯଜ୍ଞାସିନି ପୁଝାରୀଙ୍କ ଘରୁ ସଙ୍କୀର୍ତନ ମଣ୍ଡଳୀଙ୍କ ସହ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ସମାଧାନ ସମାରୋହ-୨୦୨୬

ସମ୍ବଲପୁର,୨୨/୫(ନି/ପ୍ର):ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ବିଶେଷ ଲୋକ ଅଦାଲତ । 'ସହଭାଗୀ ନ୍ୟାୟ' ଏବଂ 'ଲୋକଙ୍କ ନିକଟରେ ନ୍ୟାୟିକ ସେବା' ପରିକଳ୍ପନାକୁ ଆଗକୁ ବଢ଼ାଇବା ପାଇଁ ' ଦେଶବ୍ୟାପୀ ମଧ୍ୟସ୍ଥତାଭିତ୍ତିକ ବିଚାର ଏବଂ ବିବାଦର ସଦ୍ଭାବନାପୂର୍ଣ୍ଣ ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପଦକ୍ଷେପ 'ସମାଧାନ ସମାରୋହ' କୁ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଆୟୋଜନ କରୁଛନ୍ତି । ୨୦୨୬ ଏପ୍ରିଲ ୨୧ ତାରିଖରେ ଏହି ସମାଧାନ ସମାରୋହ ଉଦଘାଟନ ହେବା ପରେ ୨୧, ୨୨, ୨୩ ତାରିଖ ତିନିଦିନ ପର୍ଯ୍ୟନ୍ତ ଚାଲିବା ପରେ ୨୩ ତାରିଖରେ ଉଦଯାପିତ ହେବ । ଏହି ବିଶେଷ ଲୋକ ଅଦାଲତର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିଚାରାଧୀନ ମାମଲାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନକୁ ସୁଗମ କରିବା । ଏହି ସମାରୋହରେ ଉତ୍ଥାପିତ ବିଭିନ୍ନ ବିବାଦର ପ୍ରଭାବଶାଳୀ ସମାଧାନରେ ସମସ୍ତ ଅଧିବକ୍ତା, ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ପକ୍ଷମାନେ ସେମାନଙ୍କ ବିବାଦର ସମାଧାନ ପାଇଁ ଉଭୟ ବ୍ୟକ୍ତିଗତ ଭାବେ କିମ୍ବା ଅନଲାଇନ୍ ପ୍ଲାଟଫର୍ମରେ ଆଭାସୀ ମାଧ୍ୟମରେ ଉପସ୍ଥିତ ରହିପାରିବେ । କିପରି ଆବେଦନ କରିବେ-ପକ୍ଷମାନେ ଏବଂ ସେମାନଙ୍କର ଅବକ୍ତାମାନେ ନିମ୍ନଲିଖିତ ସ୍ଥାନରେ ନିର୍ଦ୍ଧାରିତ ଗୁଗୁଲ୍ ଫର୍ମ ପୂରଣ କରି ସେମାନଙ୍କର ଅନୁରୋଧ ଦାଖଲ କରିପାରିବେ : ଗୁଗୁଲ୍ ଫର୍ମ ପୂରଣ କରିବାର ଶେଷ ତାରିଖ : ୩୧ ମଇ ୨୦୨୬ ସମସ୍ତ ପ୍ରକାରର ସହାୟତା ଓ ଆବଶ୍ୟକୀୟ ସୂଚନା ପାଇଁ ଯୋଗାଯୋଗ ଠିକଣା- 'ସମାଧାନ ସମାରୋହ '(ବିଶେଷ ଲୋକ ଅଦାଲତ) ନିମନ୍ତେ ୱାନ ଷ୍ଟପ ସେଂଟର (ୱାର ରୁମ୍)ର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ଯୋଗାଯୋଗ ନମ୍ବର ୦୧୧-୨୩୧୧୨୪୨୮,୦୧୧-୨୩୧୧୨୫୨୮ । ୱାନ୍ ଷ୍ଟପ୍ ସେଂଟର କକ୍ଷ ସଂଖ୍ୟା ୮୦୬ ଏବଂ ୮୦୮ ବି' ବ୍ଲକ୍, ଅତିରିକ୍ତ ବହୁତଳ ବିଶିଷ୍ଟ ଅଟ୍ଟାଳିକା, ଭାରତର ସର୍ବୋଚ୍ଚ ନ୍ୟାୟାଳୟ । ଲ୍ୟାଣ୍ଡଲାଇନ୍ ନମ୍ବର ୦୧୧-୨୩୧୧୬୪୬୪୦୧୧୨୩୧୧୬୪୬୫ ନିର୍ଦ୍ଦେଶକ, ସି.ଆର.ପି.ଙ୍କ ଯୋଗାଯୋଗ ନମ୍ବର ୦୧୧୨୩୧୧୫୬୫୨ ।।

ତୁମକୁ ପାରୁନି ତ ଭୁଲି : ସଙ୍ଗୀତର ଅନନ୍ୟ କାର୍ଯ୍ୟକ୍ରମ ୨୪ରେ

ରାଉରକେଲା,୨୨/୫(ନି/ପ୍ର): ଓଡ଼ିଆ ଚଳଚ୍ଚିତ୍ରର ୯୦ ବର୍ଷ ପୂର୍ତ୍ତି ଅବସରରେ ଚଳିତ ମଇ ୨୪ ତାରିଖ ସନ୍ଧ୍ୟା ୬ଟା ୩୦ ସମୟରେ ଛେଣ୍ଡ କଲୋନୀ ସ୍ଥିତ ରିମ୍ସ୍ ପ୍ରେକ୍ଷାଳୟରେ ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତର ଏକ ଅନନ୍ୟ କାର୍ଯ୍ୟକ୍ରମ 'ତୁମକୁ ପାରୁନି ତ ଭୁଲି' ଅନୁଷ୍ଠିତ ହେବ ବୋଲି ଆଜି ସହର ସେବା ସମିତି ପକ୍ଷରୁ ହୋଟେଲ ସୋଲାସ୍ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ସହର ସେବା ସମିତିର ପରିଚାଳନା ଟ୍ରଷ୍ଟି ଶୈଳେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟି ପୁଷ୍ପା ଲେଙ୍କା, ଚନ୍ଦ୍ରଶେଖର ପାଢୀ, ସ୍ମୃତିରଞ୍ଜନ ରାଉତ, ଅସିତ୍ ଦାସ ପ୍ରମୁଖ ମଚାଂସୀନ ଥିଲେ । ସମୟ ପ୍ରବାହରେ ଧୀରେ ଧୀରେ ଓଡ଼ିଶାର ସଙ୍ଗୀତପ୍ରେମୀଙ୍କ ମାନସପଟରୁ ବିସ୍ମୃତ ହୋଇ ଯାଉଥିବା ମନଛୁଆଁ ସଙ୍ଗୀତକୁ ମନେ ପକାଇବାର ଏକ ନିଆରା କାର୍ଯ୍ୟକ୍ରମ 'ତୁମକୁ ପାରୁନି ତ ଭୁଲି' ସହର ସେବା ସମିତି ପକ୍ଷରୁ ଅନୁଷ୍ଠିତ ହେବାକୁ ଯାଉଛି । ସହର ସେବା ସମିତିର ପ୍ରଚ୍ଛନ୍ନ ପୃଷ୍ଠପୋଷକତାରେ ୧୯୩୬ର ପ୍ରଥମ କଳାଧଳା ଓଡ଼ିଆ ଚଳଚିତ୍ର ସୀତା ବିବାହ ଠାରୁ ୧୯୭୬ର ପ୍ରଥମ ରଙ୍ଗୀନ ଓଡିଆ ଚଳଚିତ୍ର ଗପ ହେଲେ ବି ସତ ମଧ୍ୟରୁ ବଛା ବଛା ସଙ୍ଗୀତରେ ଝୁମିବାର ଅବକାଶ, ରାଉରକେଲା ଛେଣ୍ଡ ରିମ୍ ?ସ୍ ପ୍ରେକ୍ଷାଳୟ ପରିସରରେ ମଇ ୨୪ ତାରିଖ ରବିବାର ଦିନ ସନ୍ଧ୍ୟା ୬ଟା ୩୦ ଠାରୁ ସହର ସେବା ସମିତିର ସାଂସ୍କୃତିକ ଶାଖା ମ୍ୟୁଜିକ୍ ? ଥେରାପି ପକ୍ଷରୁ ଆୟୋଜନ କରାଯାଉଛି ବୋଲି ପ୍ରକାଶ କରିଥିଲେ ପରିଚାଳନା ଟ୍ରଷ୍ଟି ଶୈଳେନ୍ଦ୍ର ମହାନ୍ତି । ସ୍ଥାନୀୟ କଳାକାରଙ୍କ ସମେତ ରାଜ୍ୟର କିଛି ଗାୟକ ଏବଂ ଗାୟୀକା ଏଥିରେ ସଙ୍ଗୀତ ପରିବେଷଣ ଦାୟିତ୍ୱ ତୁଲାଇବା କାର୍ଯ୍ୟକ୍ରମ ଅବସରରେ ପୂଜ୍ୟପୂଜା ସହ ଅନ୍ତରଙ୍ଗ ବନ୍ଧୁ ମିଳନର ପରିବେଶ ସୃଷ୍ଟିର ଯୋଜନା ରହିଛି ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି । ଓଡ଼ିଆ ସଙ୍ଗୀତକୁ ଭଲ ପାଉଥିବା ପ୍ରତିଟି ମଣିଷ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରାଇବା ସହ ଓଡ଼ିଆ ଅସ୍ମିତାକୁ ପାଦେ ଆଗେଇ ନେବା ପାଇଁ ଏହା ଏକ ପ୍ରୟାସ । ରାଜ୍ୟର ଉପାନ୍ତ ଅଚଂଳ ଭାବେ ପରିଚିତ ରାଉରକେଲାରେ ହେଉଥିବା ଏହି ନିଆରା କାର୍ଯ୍ୟକ୍ରମ ଆଗକୁ ହଜି ଯାଉଥିବା ଓଡ଼ିଆ ସଙ୍ଗୀତ ପ୍ରତି ଏକ ନୂତନ ବିଶ୍ୱାସ ସୃଷ୍ଟି କରିବ ବୋଲି ବିଶ୍ୱାସ । ଏହି ସଙ୍ଗୀତ ଭିନ୍ନିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସଙ୍ଗୀତପ୍ରେମୀ ଯୋଗଦେବାକୁ ସହରସେବା ସମିତି ପକ୍ଷରୁ ନିବେଦନ କରାଯାଇଛି ।

ବ୍ୟବସାୟକୁ ନୂତନ କୃତ୍ରିମ ବୁଦ୍ଧିମତାରେ ଚଳାଇବା ପାଇଁ ଦୁଇ ଦିନିଆ କର୍ମଶାଳା

ରାଉରକେଲା,୨୨/୫(ନି/ପ୍ର): ଶିଳ୍ପ ଓ ବ୍ୟବସାୟକୁ ନୂତନ କୃତ୍ରିମ ବୁଦ୍ଧିମନା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୟୋଗ ଦ୍ୱାରା ଚଲାଇ ହେବ, ଏହାକୁ ନେଇ ଏକ ଦୁଇଦିନିଆ କର୍ମଶାଳା ରାଉରକେଲାର ହୋଟେଲ ପାହାଡ଼ି ଠାରେ ଆରମ୍ଭ ହୋଇଛି । ଏହି ଦୁଇ ଦିନିଆ କର୍ମଶାଳାରେ ବ୍ୟବସାୟୀମାନେ ନିଜର ବ୍ୟବସାୟ ଯେପରି ଲଜ୍, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଟେକ୍ନୋଲୋଜି, ସରକାରୀସ୍ତରରେ ଥିବା ଆଇନ୍, ଜିଏସ୍‌ଟି, ଇନକମ୍ ଟ୍ୟାକ୍ସ ବିଷୟରେ ଜାଣିବା ଓ ଶିଖିବା ପାଇଁ ଏହି କର୍ମଶାଳାର ଆୟୋଜନ କରାଯାଇଛି । ଏଥିରେ ଭାରତର ବିଭିନ୍ନ ମେଟ୍ରୋ ସହର ଯଥା ଚେନ୍ନାଇ, କୋଲକାତା, ମୁମ୍ବାଇ, ଦିଲ୍ଲୀ ମେଟ୍ରୋ ସହରରୁ ପ୍ରତିନିଧିମାନେ ଯୋଗ ଦେଇ ଇଓ (ଇକ୍ସ୍ପସଲସମସବକ୍ଷ ଓଭସ୍ପରକ୍ଷ-କ୍ଷସଶରଭମର) ବା କୃତ୍ରିମ ବୁଦ୍ଧିମନା ଟେକ୍ନୋଲୋଜି ବଳରେ କିପରି ସମାଧାନ କରାଯାଇପାରିବ, ସେ ବିଷୟରେ ଜ୍ଞାନ ଆହରଣ କରିବା ପାଇଁ ଏହି କର୍ମଶାଳାର ଆୟୋଜନ କରାଯାଇଛି । ଅର୍ଥାତ୍ ଆଜିର ଦିନରେ ସମସ୍ତ ସଫ୍ଟୱେର ଏଆଇ ଯୁକ୍ତ ହୋଇଥିଲା ବେଳେ, ତାହାର ପ୍ରୟୋଗ କିପରି ହୋଇପାରିବ ତାହାହିଁ ଏହି କର୍ମଶାଳାର ଲକ୍ଷ୍ୟ ବୋଲି ଆୟୋଜକମାନଙ୍କ ପକ୍ଷରୁ କୁହାଯାଇଛି । ଆଜି ଏହି କାର୍ଯ୍ୟକ୍ରମକୁ ନେଇ ଦ ଇନଟିଚ୍ୟୁଟ୍ ଅଫ୍ ଚାଟେଡ଼ ଆକାଉଟାଂଟ ରାଉରକେଲା ଶାଖାର ଅଧ୍ୟକ୍ଷ ସିଏ ପଙ୍କଜ ଗର୍ଗ ଉକ୍ତ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଅଧ୍ୟକ୍ଷ ସିଏ ରାକେଶ ଜୈନ ଥିଲେ ।

ସତୀତ୍ୱର ସାର୍ବକାଳିକ ପରିଭାଷା :ମହାସତୀ ସାବିତ୍ରୀ ଆଲୋଚନାଚକ୍ର

ରାଉରକେଲା,୨୨/୫(ନି/ପ୍ର): ବାସନ୍ତୀ ପାଠାଗାର ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବିର୍ସା ମୁଣ୍ଡା ନଗର ଶାଖା, ରାଉରକେଲାର ମିଳିତ ଆନୁକୂଲ୍ୟରେ ଆୟୋଜିତ ମାସିକ ସାହିତ୍ୟ ଆସର ଓ ଆଲୋଚ୍ୟ ବିଷୟ 'ସତୀତ୍ୱର ସାର୍ବକାଳିକ ପରିଭାଷା : ମହାସତୀ ସାବିତ୍ରୀ ସମ୍ପର୍କରେ ଆଲୋଚନାଚକ୍ର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିର୍ସା ମୁଣ୍ଡା ନଗର ଶାଖାର ସଭାପତି ବିଜୟ କୁମାର ସାହୁଙ୍କ ସଭାପତିତ୍ୱ, ସମ୍ପାଦକ ଆଭାଷ କୁମାର ହୋତାଙ୍କ ଆବାହକତ୍ୱ, ବାସନ୍ତୀ ପାଠାଗାରର ସାଂସ୍କୃତିକ ସମ୍ପାଦିକା କବିତା ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାଠାଗାରର ସଭାପତି ପ୍ରସନ୍ନ କୁମାର ସାବତ ମୁଖ୍ୟଅତିଥି, ବିଷୟ ବିଶେଷଜ୍ଞ ଭାବେ ପ୍ରାଧାପିକା ଡ଼. ରୁକ୍ମଣୀ ସାହୁ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗରେ ନିଜର ମତ ରଖି କହିଲେ ଯେ ମହାସତୀ ସାବିତ୍ରୀ ଯମରାଜାଙ୍କ ଠାରୁ ନିଜ ସ୍ୱାମୀଙ୍କୁ ଫେରେଇ ଆଣିବା ପାଇଁ ଯମରାଜଙ୍କ ସହ ତର୍କ କରି ନିଜର ପ୍ରଚଣ୍ଡ ପ୍ରଭାବ, ବୁଦ୍ଧି

ଓ ସତୀତ୍ୱର ବଳରେ ସେ ସ୍ୱାମୀ ସତ୍ୟବାନଙ୍କ ପ୍ରାଣ ଫେରେଇ ଆଣିଥିଲେ । ରାଉରକେଲା ମହାନଗର ସାଧାରଣ ସମ୍ପାଦିକା ଡ଼. ସୁଷମା ମୋଦି ପ୍ରାକ୍ କଥନ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଶିବପ୍ରସାଦ ଦାଶ ଦାସ ଗଳ୍ପ ପାଠ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ କବୀ ସୁଭାଷିନୀ ସାହୁ ଓ ଅମୀୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ଆସରରେ ସର୍ବଶ୍ରୀ ବ୍ରଜେନ୍ଦ୍ର ଦାଶ, ଦୀପକ କୁମାର ସାହୁ, ଧରିତ୍ରୀ ପାଇକରାୟ, ଡ଼. ରୁକ୍ମଣୀ ସାହୁ, ଅଶୋକ କୁମାର ପଟ୍ଟନାୟକ, ତ୍ରିଲୋଚନ ସ୍ୱାଇଁ, କରୁଣାକର ପାଟ୍ଟଶାଣୀ, ଅମୀୟ କୁମାର ମହାନ୍ତି, ସୁଭାଷିନୀ ସାହୁ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ଶାଖାର କାର୍ଯ୍ୟକାରୀ ଉପସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ବିଭୁଦନ୍ତ ବେହେରା, କମଳ ଆଚାର୍ଯ୍ୟ, ଶ୍ରୀକାନ୍ତ ପାଣିଗ୍ରାହୀ, ସଞ୍ଜୟ କୁମାର ପ୍ରଧାନ, କବିତା ପ୍ରଧାନ, ବସନ୍ତ ମହାରଣା, ଅଜୟ କୁମାର ପ୍ରଧାନ, ଡ଼. ନାରାୟଣ ସେନାପତି, ସୁବାସ ମହାପାତ୍ର, ରବିନ୍ଦ୍ର ଠାକୁର, ପ୍ରଭାସିନୀ ଦାସ, ପ୍ରିୟଙ୍କା ନାୟକ, ସ୍ନେହ ପ୍ରିୟ ବଳ, ସୁଷମା ମହାପାତ୍ର, ଶୁଭଲକ୍ଷ୍ମୀ ବେହେରା, ପ୍ରଭାସିନୀ ସାହୁ, ରମେଶ ଚନ୍ଦ୍ର ସାହୁ, ଶିବ ପ୍ରସାଦ ଦାସ, ଚିନ୍ମୟ ତ୍ରିପାଠୀ, ପ୍ରିତମ ମହାନ୍ତି, ଅନିଲ କୁମାର ଦାଶ, ବଳରାମ ସାହୁ, ଶାଶ୍ୱତ ବିଜୟ ପାଟ୍ଟଶାଣୀ, ମୀରା ସିଂହ, ଜ୍ଞାନରଞ୍ଜନ ସେନାପତି, ସୁଜାତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଶିଶୁ ଓ ମହିଳାଙ୍କ ଲୁକାୟିତ ପ୍ରତିଭାମାନଙ୍କୁ ଖୋଜି ବାହାର କରିବା ପାଇଁ ପଦ୍ମାଳୟା ସାଂସ୍କୃତିକ ଅନୁଷ୍ଠାନର ପ୍ରୟାସ

ରାଉରକେଲା,୨୨/୫(ନି/ପ୍ର): ପଦ୍ମାଳୟା ସାଂସ୍କୃତିକ ଅନୁଷ୍ଠାନ ୨୦୧୭ ମସିହାରେ ପଞ୍ଜିକୃତ ଏକ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ । ଓଡ଼ିଆ ସଙ୍ଗୀତ, ସାହିତ୍ୟ, ସଂସ୍କୃତି ଏବଂ ନୃତ୍ୟ ପ୍ରତି ଏକ ସମର୍ପିତ ଅନୁଷ୍ଠାନ । ଏହା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକଳାପ ସହିତ ଅନୁଷ୍ଠାନ ଜଡିତ । ସ୍କୁଲ ଛାତ୍ର ଛାତ୍ରୀଙ୍କୁ ଖାତା କଲମ, ସହିତ ଫଳ ଓ ବ୍ରେଡ , ବିସ୍କୁଟ ଆଦି ବଂଟନ , ଗରିବ ଲୋକଙ୍କୁ ଖାଦ୍ୟ , ଜଳଖିଆ ଆଦି ବଂଟନ କାର୍ଯ୍ୟ କରା ଯାଉ ଅଛି,. ସଭ୍ୟ ମାନେ ନିଜର ସମର୍ପଣ ଭାବନା ରଖି ଦେଇ ଥିବା ଦାନ ରେ ଏସବୁ କାର୍ଯ୍ୟ କରା ଯାଉଛି । ଯଦିଓ ଏହି ଅନୁଷ୍ଠାନ ୨୦୧୭ ରେ ପଞ୍ଜୀକରଣ ହୋଇଥିଲା, ବିଭିନ୍ନ ସମସ୍ୟା ଓ ଆର୍ଥିକ ସଙ୍କଟ ଯୋଗୁ ଏହା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇ ପାରି ନଥିଲା । ୨୦୨୫ ମସିହାରେ ଏବେ ସକ୍ରିୟ ଭାବେ କାମ ଶୁଭାରମ୍ଭ କରିଛି । ସଂଗଠନରେ ଉପସଭାପତି ଗଙ୍ଗାଧର ଦାଶ ଓ ସାଧାରଣ ସମ୍ପାଦିକା ନିଶି ନନ୍ଦଙ୍କ ପ୍ରୟାସ , ଉଦଯୋଗ, ପ୍ରଚେଷ୍ଟା, ମାର୍ଗଦର୍ଶନ ଓ ସମସ୍ତ କାର୍ଯ୍ୟକର୍ତ୍ତା, ସଭ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ

ଆରମ୍ଭ କରାଯାଇଛି । ସଭାପତି ବିଭୁ ନାୟକଙ୍କ ଅନୁପସ୍ଥିତ ସତ୍ତ୍ୱେ ତାଙ୍କର ଅତୁଳନୀୟ ଅବଦାନ ରହିଛି । ସଂଗଠନ ପକ୍ଷରୁ ପ୍ରଚେଷ୍ଟା କରାଯାଇ ଏବର୍ଷ ବାର୍ଷିକ ଉତ୍ସବ ଜୁନ ୭ ତାରିଖରେ ସେକ୍ଟର-୧୯ ସିଭିକ ସେଂଟର ଠାରେ ଅନୁଷ୍ଠିତ କରିବା ପାଇଁ ସ୍ଥିରିକୃତ ହୋଇଛି । ଏହି ପରିପ୍ରେକ୍ଷୀରେ ଚଳିତ ମାସ ୨୦ ଓ ୨୧ ତାରିଖରେ ରାଉରକେଲାର ରାଉରକେଲା କ୍ଲବର ମୁଖ୍ୟ ଗୃହରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା । ପ୍ରଥମ ଦିନ ୫ ବର୍ଷରୁ ୧୨ ବର୍ଷ ଓ ୧୨ ବର୍ଷରୁ ୨୦ ବର୍ଷ ପିଲାଙ୍କ ମଧ୍ୟରେ ପ୍ରଥମେ ସଙ୍ଗୀତ ଓ ଦ୍ୱିତୀୟ

ଲାଠିକଟା ବ୍ଲକ ଯୋଡାକୁଦର ଗ୍ରାମପଚାଂୟତର ପୂର୍ବତନ ପଚାଂୟତ ସଚିବ ଭିଜିଲାନ୍ସ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ

ଲାଠିକଟା ୨୨/୫(ନି/ପ୍ର): ଲାଠିକଟା ବ୍ଲକ୍ ଅନ୍ତର୍ଗତ ଯୋଡାକୁଦର ଗ୍ରାମପଚାଂୟତର ପୂର୍ବତନ ପଚାଂୟତ ସଚିବ ଭିଜିଲାନ୍ସ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ସୂଚନା ଅନୁସାରେ ଭିଜିଲାନ୍ସର ଏକ ଗୁରୁତ୍ୱପୂର୍ଣ୍ଣ ଦୁର୍ନୀତି ବିରୋଧୀ ମାମଲାରେ, ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ ଅନ୍ତର୍ଗତ ଯୋଡାକୁଦର ଗ୍ରାମପଚାଂୟତର ପୂର୍ବତନ ପଚାଂୟତ ସଚିବଙ୍କୁ ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି । ଆଜି ଅର୍ଥାତ୍ ୨୦୨୬ ମଇ ୨୨ ତାରିଖରେ, ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ ଅନ୍ତର୍ଗତ ଯୋଡାକୁଦର ଗ୍ରାମ ପଚାଂୟତ ପୂର୍ବତନ ପଚାଂୟତ ସଚିବ ଆଲେକଜାଣ୍ଡର ଏକ୍କାଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୧୯୮୮/୪୦୯ ଆଇପିସିର ୧୩(୨) ଆର/ଡବ୍ଲୁ ୧୩(୧)(ସି) ଅନ୍ତର୍ଗତ ପିସି ଆଇନ, ୧୯୮୮/୪୦୯ରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ୍ କରାଯାଇଥିଲା । ଯୋଡାକୁଦର ଗ୍ରାମପଚାଂୟତର ଆବଟିଂତ ଅଫିସ୍ ନଗଦ ଏବଂ ଚାଉଳର ଅପବ୍ୟବହାର ପାଇଁ ସୁନ୍ଦରଗଡ଼ ଜିଲା ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଆଲେକ୍ଜାଣ୍ଡାର ଏକ୍କାଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି । ଭିଜିଲାନ୍ସ କୋର୍ଟଦ୍ୱାରା ଦଣ୍ଡିତ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ ଅନ୍ତର୍ଗତ ଯୋଡାକୁଦର ଗ୍ରାମ ପଚାଂୟତର ପୂର୍ବତନ ଅବସରପ୍ରାପ୍ତ ପଚାଂୟତ ସଚିବ ଆଲେକଜାଣ୍ଡର ଏକ୍କାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ତାଙ୍କ ପେନସନ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ବର୍ତ୍ତମାନ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବ ବୋଲି ସୂଚନା ଦିଆଯାଇଛି ।

କାଠଯୋଡ଼ି ନଦୀ ପଠାରୁ ମହିଳାଙ୍କ ମୃତଦେହ ଉଦ୍ଧାର

କଟକ, ୨୨/୫: କଟକ ବ୍ରାହ୍ମଣି ଗାଁ ନିକଟ କାଠଯୋଡ଼ି ନଦୀ ପଠାରୁ ମହିଳାଙ୍କ ଅଧା ପୋତା ମୃତଦେହ ଉଦ୍ଧାର ହୋଇଛି । ମହିଳାଙ୍କୁ ମାରି ପୋତି ଦେଇଥିବା ସନ୍ଦେହ କରାଯାଉଛି । ଆଜି ସକାଳେ ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ । ସାଇଂଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍ ସହିତ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି । ମୃତ ମହିଳାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଛି । ମୃତଦେହ ବାଲିରେ ଅଧା ପୋତା ହୋଇ ରହିଛି । ମୃତ ମହିଳା ଜଣକ ଗୋଲାପି ରଙ୍ଗର ବସ୍ତ୍ର ପିନ୍ଧିଥିବା ଜଣାପଡିଛି । ତେବେ ମୃତ ମହିଳା କିଏ, ଏଠାକୁ କେମିତି ଆସିଲେ ସେନେଇ ତଦନ୍ତ କରୁଛି ପୋଲିସ । ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ତଦନ୍ତ କରୁଛି ପୋଲିସ ।

ଜୟପୁର ପୌରପାଳିକାର ସାଧାରଣ ପରିଷଦ ବୈଠକ

ଜୟପୁର,୨୨/୫(ନି/ପ୍ର): ଜୟପୁର ପୌର ସଭାଗୃହ ରେ ଆଜି ସାଧାରଣ ପରିଷଦ ବୈଠକରେ ଅନୁଷ୍ଠିତ ହୋଇଛି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକ ରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇଥିଲେ । ସହରର ପରିଚ୍ଛନ୍ନତା, ପାନୀୟ ଜଳ, ରାସ୍ତାଘାଟ, ଆଲୋକୀକରଣ ଓ ଜନସାଧାରଣଙ୍କ ମୌଳିକ ସମସ୍ୟା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ସ୍ୱଚ୍ଛ ଓ ସୁନ୍ଦର ଜୟପୁର ଗଠନ ପାଇଁ ମଶା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ମଶା ନିପାତ ତେଲ କ୍ରୟ କରିବାକୁ ନିଷ୍ପତି ଗ୍ରହଣ ହେଲା । ଗତ ବୈଠକରେ ପାରିତ ହୋଇଥିବା ବଜେଟ୍ ବିଲ୍ ଆଜି ଅନୁମୋଦନ ପାଇଲା । ସେହିପରି ସାନିଟେସନ୍ ଟେଣ୍ଡର ସମ୍ବନ୍ଧୀୟ ଅନିୟମିତତା, କାଉନସିଲରମାନଙ୍କ ଅଭିଯୋଗ ଓ ବିଭିନ୍ନ ସମସ୍ୟାକୁ ଜିଲ୍ଲାପାଳ ଗୁରୁତ୍ୱ ସହ ଅନୁଧ୍ୟାନ କରୁଛନ୍ତି । ଟାଟା ପାଓ୍ୱାରର ମନମାନି, ବାରମ୍ବାର ବିଦ୍ୟୁତ୍ କାଟ ସମସ୍ୟା, ସ୍ମାର୍ଟ ମିଟର ଲାଗୁକରଣ, ମିଟର ଭଡ଼ା ଆଦାୟ ଓ ଅପସାରିତ ନହୋଇଥିବା ବିଦ୍ୟୁତ୍ ଖୁଂଟ ସମସ୍ୟା ସମ୍ପର୍କରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ସ୍ମାର୍ଟ ମିଟର ଲଗାଇବା ବନ୍ଦ ନ ହେଲେ ଟାଟା ପାଓ୍ୱାର କୁ ଘେରାଉ କରାଯିବ ବୋଲି ବିଧାୟକ ବାହିନୀପତି ଚେତାବନୀ ଦେଇଛନ୍ତି । ବିଧାନସଭାରେ ବିଧାୟକ ବାହିନୀପତି ଏହି ପ୍ରସଙ୍ଗ ଉଠାଇଥିବାରୁ ସ୍ମାର୍ଟ ମିଟର ଓ ମିଟର ଭଡ଼ା ପ୍ରକ୍ରିୟା ବର୍ତ୍ତମାନ ବନ୍ଦ ରହିଛି । ଯଦି କେହି ସ୍ମାର୍ଟ ମିଟର ଲଗାଇବା ପାଇଁ ଆସନ୍ତି, ତେବେ ସେଥିରେ ସମସ୍ତେ ଏକତ୍ରିତ ଭାବେ ବିରୋଧ କରିବାକୁ ବିଧାୟକ ବାହିନୀପତି ନିବେଦନ କରିଛନ୍ତି । ବୈଠକ ରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର ଯନ୍ତ୍ରୀ ଅଜୟ ଜାନି ଙ୍କ ସହ କାଉନସିଲର ଓ ବିଭିନ୍ନ ଲାଇନ ଡ଼ିପାଟମେଂଟର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଦରଦାମ୍ ବୃଦ୍ଧି ଓ ନିଟ୍ ପରୀକ୍ଷା ଘୋଟାଲା ବିରୁଦ୍ଧରେ ସିପିଆଇ ଓ ଏଆଇଏସଏଫ୍ ପକ୍ଷରୁ ବିକ୍ଷୋଭ

ଜୟପୁର, ୨୨/୫(ନି/ପ୍ର): ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ଦରଦାମ୍ ବୃଦ୍ଧି ଓ ନିଟ୍ ପରୀକ୍ଷା ଘୋଟାଲା ବିରୁଦ୍ଧରେ ସିପିଆଇ ଓ ଏଆଇଏସଏଫ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦେଶରେ ମୋଦି ସରକାର ର ଅପରିଣାମଦର୍ଶୀ ନିତୀ ଯୋଗୁଁ ପେଟ୍ରୋଲ ଡିଜେଲ ରନ୍ଧନ ଗ୍ୟାସ କ୍ଷୀର ଆଦି ସକଳ ପଦାର୍ଥ ର ଦର ବୃଦ୍ଧି ଘଟୁଛି । ଦେଶକୁ ଆମେରିକାର ଗୋଲାମ କରି ସାରିଲାଣି ମୋଦୀ ସରକାର । ଟ୍ରମ୍ପ ଭାରତୀୟ ମାନଙ୍କୁ ହେଲ୍ ହୋଲ୍ ବା ନର୍କର ଲୋକ ବୋଲି କହିବା ବେଳେ ମଧ୍ୟ ମୋଦୀ ସରକାର ନୀରବ ଅଥଚ ଟ୍ରମ୍ପ ଉପରେ ସୁଟିଂ ର ନାଟକରେ ମୋଦୀ ଟ୍ରମ୍ପ ପାଇଁ ସମବେଦନା ପ୍ରକାଶ ଆଶ୍ଚର୍ଯ୍ୟ କରିଛି । ଭାରତୀୟ ମାନଙ୍କୁ ହାତ ଗୋଡରେ ଶିକୁଳି ରେ ବାନ୍ଧି ବିଦା କରିବାଠୁ ନେଇ ଏଯାବତ୍ ଯାହା ଘଟି ଚାଲିଛି ମନେ ହେଉଛି ମୋଦୀ -ଶାହା ସରକାର ଟ୍ରମ୍ପ ପାଖରେ ମୁଣ୍ଡ ବିକି ଦେଇଛନ୍ତି । ଋଷିଆରୁ କଂଚା ତେଲ ଆଣିବା ପାଇଁ ଟ୍ରମ୍ପଙ୍କୁ ଗୁହାରି କରୁଛି । ଏପଟେ ନିର୍ବାଚନ ପର୍ଯ୍ୟନ୍ତ ପେଟ୍ରୋଲ ଡିଜେଲର କୌଣସି ଅଭାବ ନାହିଁ କହି କହି ଭୋଟରଙ୍କୁ ଠକିଲେ ଏବେ କହୁଛନ୍ତି ସବୁ ଅଛି । କିନ୍ତୁ ଲୋକମାନେ ପେଟ୍ରୋଲ ଡିଜେଲ ପମ୍ପ ରେ ରାତି ରାତି ଲମ୍ବା ଲାଇନ୍ ରେ ଜଗୁଛନ୍ତି । ଓଡ଼ିଶା ରେ ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି । ଆଇନ୍ ଶୃଙ୍ଖଳା ପରିସ୍ଥିତି ଏପରି ବିପର୍ଯ୍ୟସ୍ତ ହୋଇପଡ଼ିଛି ଯେ ଦିନ ଦ୍ୱିପହରେ ଗୁଣ୍ଡା ମାନେ ମର୍ଡର କରୁଛନ୍ତି । ସେହିପରି ନିଟ୍ ୟୁଜି ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ପ୍ରଶ୍ନ ପତ୍ର ପ୍ରଘଟ ପାଇଁ ହତାଶ ହେବାକୁ ପଡୁଛି । ଏବର୍ଷ ମଧ୍ୟ ପ୍ରଶ୍ନ ପତ୍ର ପ୍ରଘଟ ଏକ ସୁନିୟନ୍ତ୍ରିତ ଢଙ୍ଗରେ ରେ କୋଟି କୋଟି ଟଙ୍କା ର ବେପାର ମଧ୍ୟରେ ପ୍ରଶ୍ନ ପତ୍ର ପ୍ରଘଟ ହୋଇଛି । ଜାତୀୟ ମେଧା ଅନ୍ୱେଷଣ ଅନୁଷ୍ଠାନ ସବୁଥିରେ ବିଫଳ ହୋଇଛି ଏବଂ ଏହାର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ତୁରନ୍ତ ଏଚ୍ ଆର୍ ଡି ମନ୍ତ୍ରୀ ପଦରୁ ହଟାଇବା ପାଇଁ ଏଆଇଏସଏଫ୍ ଓ ସିପିଆଇ ଦାବି କରିଛନ୍ତି ।

ଅସ୍ଥିର ଅତୀତରୁ ସୁରକ୍ଷିତ ଭବିଷ୍ୟତ :

ଆର.ଏସ୍.ପି. ଜମିରୁ ସ୍ଥାନାନ୍ତରିତ ହେଉଥିବା ଲୋକଙ୍କ ଜୀବନକୁ ନୂଆ ଦିଗ ଦେଉଛି କ୍ଷତିପୂରଣ ପ୍ୟାକେଜ୍

ରାଉରକେଲା,୨୨/୫(ନି/ପ୍ର): ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଏହାର ଜମିରୁ ସ୍ଥାନାନ୍ତରିତ ହେଉଥିବା ପରିବାରଗୁଡ଼ିକୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ପ୍ୟାକେଜ୍ ସେମାନଙ୍କ ଜୀବନ କୁ ଏକ ନୂତନ ଦିଗ ପ୍ରଦାନ କରୁଛି । ମଇ ୨୧ ତାରିଖ ସୁଦ୍ଧା ରାଉରକେଲା ଇସ୍ପାତ କାରଖାନା ୭୧ଟି ପରିବାରକୁ ୨.୯୨ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ୨୯ ଜଣ ବ୍ୟକ୍ତି ଇସ୍ପାତ କାରଖାନାରେ ଚୁକ୍ତିଭିତ୍ତିକ ଚାକିରିରେ ଯୋଗ ଦେଇଛନ୍ତି । କାଟେ ବସ୍ତି ବାସିନ୍ଦା କୁମାରୀ ଅଞ୍ଜୁ ଡୁଙ୍ଗଡୁଙ୍ଗ ହେଉଛନ୍ତି ସେହିଭଳି ଜଣେ ହିତାଧିକାରୀ, ଯାହାଙ୍କ ଜୀବନ ଏହି ପ୍ୟାକେଜ୍ ଯୋଗୁଁ ଏକ ନୂଆ ମୋଡ଼ ନେଇଛି । ଯୁକ୍ତ ଦୁଇ (+୨) ଏବଂ ଏ.ଏନ୍.ଏମ୍. ପାଠ୍ୟକ୍ରମ ସମାପ୍ତ କରିବା ପରେ, ଅଞ୍ଜୁ ଏକ ନିକଟସ୍ଥ ବିୟୁଟି ପାର୍ଲରରେ ସହକାରୀ ଭାବେ ମାତ୍ର ୪,୦୦୦ ଟଙ୍କାର ମାସିକ ମଜୁରିରେ ଗୁଜୁରାଣ ମେଟାଂଉଥିଲେ । ସେ ବାସ କରୁଥିବା କୁଡ଼ିଆ ଘର ଜେଉଁ ଜମି ଉପରେ ଥିଲା ତାହା ପ୍ରକୃତ ରେ ରାଉରକେଲା ଇସ୍ପାତ କାରଖାନାର ସମ୍ପତ୍ତି, ତେଣୁ ସେହି ଜମି ର କୌଣସି ବୈଧ କାଗଜ ମଧ୍ୟ ତାଂକ ପାଖରେ ନଥିଲା । ଆଜି ତାଙ୍କ ପରିବାର ଆର୍ଥିକ କ୍ଷତିପୂରଣରେ ପାଂଚ ଲକ୍ଷ ଷୋହଳ ହଜାର ଟଙ୍କା ପ୍ୟାକେଜ୍ ପାଇବା ପାଇଁ ଯୋଗ୍ୟ ଯେଉଁଥିରୁ ୪. ୧୨ ଲକ୍ଷ ଟଙ୍କା ସେ ଅଦ୍ୟାବଧି ପାଇ ସାରିଛଂତି । ଏତଦ ବ୍ୟତୀତ ସେ ସମସ୍ତ ସାମ୍ବିଧାନିକ ସୁବିଧା ସହିତ ୨୨,୫୦୦ ଟଙ୍କାର ପ୍ରାରମ୍ଭିକ ଦରମାରେ ଆର.ଏସ୍.ପି.ରେ ଏକ ଚୁକ୍ତିଭିତିକ ଚାକିରିରେ ଯୋଗ ଦେଇଛନ୍ତି । ତାଙ୍କର ପୁରା ପରିବାର ଏବେ ଚିକିତ୍ସା ସୁବିଧା ପାଇଁ ମଧ୍ୟ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏକ ସ୍ଥିର ଆୟ ଏବଂ ନୂତନ ଆତ୍ମବିଶ୍ୱାସ ସହିତ, ଅଞ୍ଜୁଙ୍କର ଲକ୍ଷ୍ୟ ହେଉଛି ଏକ ନୂଆ ଜୀବନ ଆରମ୍ଭ କରିବା, ଆର.ଏସ୍.ପି. ଦ୍ୱାରା ଯୋଗାଇ ଦିଆ ଯିବା ଥିବା ୬୫୦ ବର୍ଗ ଫୁଟ ଜମିରେ ନିଜର ଏକ ଘର ତୋଳିବା ଏବଂ ଏକ ମର୍ଯ୍ୟାଦାପୂର୍ଣ୍ଣ ତଥା ସ୍ଥିର ଜୀବନ ଯାପନ କରିବା । ଅଞ୍ଜୁଙ୍କ କାହାଣୀ ଆର.ଏସ୍.ପି. ଦ୍ୱାରା ସ୍ଥାନାନ୍ତରିତ ହୋଇଥିବା ଅନେକ ପରିବାରର ପ୍ରତିଫଳନ ଅଟେ । ମ୍ୟାଟ୍ରିକ ରୁ କମ୍ ପାଠ ପଢ଼ିଥିବା ଶ୍ରୀ ଆଲୋକ ଖାଖା ପୂର୍ବରୁ ଛୋଟମୋଟ କାମ କରୁଥିଲେ, ଯେଉଁଥିରେ ଦୈନିକ ଖର୍ଚ୍ଚ ଚଳାଇବା କଷ୍ଟକର ହୋଇ ପଡୁଥିଲା । ଏବେ ଏକ ସୁରକ୍ଷିତ ଦରମା ଏବଂ କାର୍ଯ୍ୟକ୍ଷେତ୍ରର ସୁବିଧା ସହ ଚାକିରି ପାଇବା ପରେ, ଆଲୋକ

କ୍ଷତିପୂରଣ ପ୍ୟାକେଜ୍ ଅଧୀନରେ ଆବଟିଂତ ଜମିରେ ଏକ ପକ୍କା ଘର ତିଆରି କରିବାକୁ ଯୋଜନା କରୁଛନ୍ତି । ସେ କୁହନ୍ତି ଯେ, ଜଣେ ମଣିଷର ଥରେ ମୌଳିକ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଓ ବାସଗୃହ' ପୂରଣ ହୋଇଗଲେ, ସେ ଉଚ୍ଚତର ଲକ୍ଷ୍ୟ ପାଇଁ ଆଶା ରଖିପାରିବ । ସେ ଏବଂ ତାଙ୍କ ପରିବାର ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ଚାହିଁ ରହିଛନ୍ତି । ଗୃହିଣୀ ଶ୍ରୀମତୀ ଅନୀତା, ଯାହାଙ୍କର ପୂର୍ବରୁ କୌଣସି ଆନୁଷ୍ଠାନିକ କାର୍ଯ୍ୟର ଅନୁଭବ ନଥିଲା, ସେ ହେଉଛନ୍ତି ଅନ୍ୟ ଜଣେ ହିତାଧିକାରୀ ଯିଏ କାରଖାନାରେ ଏଜେନ୍ସି ନିଯୁକ୍ତି ମାଧ୍ୟମରେ ଜୀବିକା ପାଇଛନ୍ତି । ନିଜର ନିୟମିତ ଦରମାରେ ପିଲାମାନଙ୍କୁ ଭଲ ସ୍କୁଲରେ ନାମ ଲେଖାଇବା ବିଷୟରେ କହିବା ବେଳେ ତାଙ୍କ ଆଖି ଉଜ୍ଜ୍ୱଳ ହୋଇଉଠେ - ଜଣେ ମା'ର ଏହି ଆକାଂକ୍ଷା ଯାହା ପୂର୍ବରୁ ପହଂଚବାହାରେ ଥିଲା ଏବେ ସାକାର ହେବାକୁ ଯାଉଛି । ଶ୍ରୀ ଆଶିଷ ମିଞ୍ଜ, କୁମାରୀ ପ୍ରିୟଙ୍କା ମିଞ୍ଜ, କୁମାରୀ ଭେରୋନିକା ଲାକ୍ରା, ଶ୍ରୀ ସମୀର ଲାକ୍ରା ଏବଂ ଅନ୍ୟ ଅନେକ ଲୋକଙ୍କ କଥାରେ ମଧ୍ୟ ସମାନ ଆଶା ଓ ଆକାଂକ୍ଷାର ପ୍ରତିଧ୍ୱନି ଶୁଣିବାକୁ ମିଳେ, ଯାହାଙ୍କ ଜୀବନ ଏହି କ୍ଷତିପୂରଣ ପ୍ୟାକେଜ୍ ଯୋଗୁଁ ଅନେକ ପରିମାଣରେ ବଦଳିଯାଇଛି । ଆର.ଏସ୍.ପି. ଏହି ପରିବାରଗୁଡ଼ିକୁ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ସମ୍ପନ୍ନ ଅସ୍ଥାୟୀ ଆଶ୍ରୟସ୍ଥଳୀ ମଧ୍ୟ ଯୋଗାଇ ଦେଇଛି, ଯାହା ସ୍ଥାୟୀ ବାସଗୃହକୁ ଅପେକ୍ଷା କରିଥିବା ପରିବାରଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସହଜ କରିଛି । ପ୍ରଭାବିତ ବସ୍ତିବାସିନ୍ଦାଙ୍କ ପାଇଁ ଚିହ୍ନଟ ହୋଇଥିବା ଜମି ପ୍ଲଟଗୁଡ଼ିକୁ ପରିବାରଗୁଡ଼ିକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ କରାଯାଉଛି, ଯାହା ସ୍ଥାୟୀ ଘର ନିର୍ମାଣ ଏବଂ ସାମୁଦାୟିକ ପୁନର୍ଗଠନକୁ ସକ୍ଷମ କରୁଛି । ଏହି ହିତାଧିକାରୀଙ୍କ ପାଇଁ, ନିଜର ଏକ ଘର, ଏକ ସ୍ଥିର ଆୟର ସୁଯୋଗ ଓ ଏକ ସମ୍ମାନ ଜନକ ଜୀବନ, କେବଳ ଆର୍ଥିକ ସ୍ଥିତିକୁ ବଦଳାଇ ନାହିଁ, ବରଂ ଜୀବନ ପ୍ରତି ଦୃଷ୍ଟିକୋଣ ଏବଂ ପରିବାରର ପ୍ରାଥମିକତାକୁ ମଧ୍ୟ ବଦଳାଇ ଦେଇଛି ।